୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.209 Bhubaneswar Friday September 27 2024 | ୨୬ତମ ବର୍ଷ ସଂଖ୍ୟା-୨୦୯ ଭୁବନେଶ୍ୱର ଶୁକ୍ରବାର, ସେପ୍ଟେମ୍ବର ୨୭, ୨୦୨୪ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

# ଦିଲ୍ଲୀରେ ଦ୍ୱିବସୀୟ ସର୍ବଭାରତୀୟ ଗଣମାଧ୍ୟମ ସମ୍ମିଳନୀ










## ସାମ୍ବାଦିକଙ୍କ ସୁରକ୍ଷାଲାଗି ଆଇନ ପ୍ରଣୟନ ଓ ପେନସନ୍ ପ୍ରଦାନ ଦାବି

ନୂଆଦିଲ୍ଲୀ,୨୬।୯(ପି.ଏନ): କର୍ମକ୍ଷେତ୍ରରେ ସାମ୍ବାଦିକଙ୍କ ସୁରକ୍ଷା ଲାଗି ଆଇନ ପ୍ରଣୟନ, ପେନସନ ସୁବିଧା, ଟ୍ରେନ ଯାତ୍ରାରେ ପୂର୍ବଭଳି ୫୦ ପ୍ରତିଶତ ରିହାତି ବ୍ୟବସ୍ଥା, ପ୍ରେସ କାଉନେସଲ ବଦଳରେ ମିଡିଆ ଆୟୋଗ ଗଠନ ଏବଂ ସାମ୍ବାଦିକଙ୍କ ସଂଖ୍ୟା ଗଣନା ତଥା ମାନ୍ୟତା ପାଇଁ ଦିଲ୍ଲୀରେ ଅନୁଷ୍ଠିତ ଦୁଇଦିନିଆ ସର୍ବଭାରତୀୟ ଗଣମାଧ୍ୟମ ସମ୍ମିଳନୀରେ ପ୍ରସ୍ତାବ ପାରିତ ହୋଇଛି । ଦେଶର ଚତୁର୍ଥସ୍ତମ୍ଭ ଭାବେ ପରିଚିତ ଗଣମାଧ୍ୟମ କ୍ଷେତ୍ରର ସୁରକ୍ଷା, ଅଭିବୃଦ୍ଧି ତଥା ସାମ୍ବାଦିକଙ୍କହିତକୁ ଦୃଷ୍ଟିରେ ରଖି କେନ୍ଦ୍ର ଏବଂ ସମସ୍ତ ରାଜ୍ୟ ସରକାର କାର୍ଯ୍ୟ କରିବାକୁ ଦେଶର ସାତଟି ପ୍ରମୁଖ ଗଣମାଧ୍ୟମ ସଂଘ ଦ୍ୱାରା ଆୟୋଜିତ ମିଳିତ ସମ୍ମିଳନୀରେ ଆହ୍ୱାନ କରାଯାଇଥିଲା । ସମ୍ମିଳନୀର ମୁଖ୍ୟ ଜାତୀୟ ସଂଯୋଜକ ତଥା ଦୈନିକ ପର୍ଯ୍ୟବେକ୍ଷକର ସଂପାଦକ ଡ. ପବିତ୍ରମୋହନ ସାମନ୍ତରାୟଙ୍କ ସଂଯୋଜନାରେ ସ୍ଥାନୀୟ ହଜଖାସସ୍ଥିତ ଜଗନ୍ନାଥ ମନ୍ଦିରସଭା ଗୃହରେ ପ୍ରଥମ ଦିନ ଏବଂ ପ୍ରେସକ୍ଲବ ଅଫ ଇଣ୍ଡିଆ ସଭାଗୃହରେ ଦ୍ୱିତୀୟ ଦିନ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ପ୍ରଥମ ଦିନରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତଚରଣ ଦାସ, ବରଗଡ଼ ସାଂସଦ ପ୍ରଦୀପ କୁମାର ପୁରୋହିତ, ରାଣାଘାଟ ସାଂସଦ ଜଗନ୍ନାଥ ସରକାର, ପୂର୍ବତନ ଡିଏଭିପି ଡିଜି ଗିରଧାରୀମହାନ୍ତି, ବରିଷ୍ଠ ସାମ୍ବାଦିକ ସମ୍ପାଦକ ବିବେକ ଶୁକ୍ଲା ପ୍ରମୁଖ ଅତିଥି ଭାବେ ଯୋଗଦେଇ ସାଂପ୍ରତିକ ସମାଜରେ ସାମ୍ବାଦିକମାନେ ସମ୍ମୁଖୀନ ହେଉଥିବା ଆହ୍ୱାନ ପରିପ୍ରେକ୍ଷୀରେ ଗଣମାଧ୍ୟମର




ନିରପେକ୍ଷତା ବଜାୟ ରଖିବାଲାଗି ଆହ୍ୱାନ କରିଥିଲେ । ଦ୍ୱିତୀୟ ଦିବସରେ ପ୍ରେସ ଆସୋସିଏସନ ଅଫ ଇଣ୍ଡିଆର ସଭାପତି ଛାୟାକାନ୍ତ ନାୟକମୁଖ୍ୟ ଅତିଥି ଏବଂ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ଫରେନ ଟ୍ରେଡରଡିନ ପ୍ରଫେସର ବସନ୍ତ କୁମାର ସାହୁ ମୁଖ୍ୟବକ୍ତା, ପଞ୍ଜାବୀ ଫିଚର ଫିଲ୍ମ ନିର୍ଦ୍ଦେଶକ ଓ୍ୱାରିମ୍‌ମସ୍ତ, ଦିଲ୍ଲୀ ଦୁରଦର୍ଶନର ପୂର୍ବତନ ନିର୍ଦ୍ଦେଶକ ଅଶୋକ କୁମାର ଗୁପ୍ତା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଜନତାଙ୍କ ସମସ୍ୟା ସମାଧାନ ଦିଗରେ ଗଣମାଧ୍ୟମର ଭୂମିକା ବିଷୟରେ ଆଲୋକପାତ କରିଥିଲେ । ରବିବାର ସଂଧ୍ୟାରେ ଦେଶରେ ସାମ୍ବାଦିକଙ୍କ ଅଧିକାର ସୁରକ୍ଷା ଦାବି ରେଗଣମାଧ୍ୟମ ପ୍ରତିନିଧି ମାନେ ଦିଲ୍ଲୀସ୍ଥିତ ପ୍ରେସକ୍ଲବ ଅଫ ଇଣ୍ଡିଆଠାରୁ ଶାସ୍ତ୍ରୀଭବନ ସ୍ଥିତ କେନ୍ଦ୍ରସୂଚନା ଓ ପ୍ରସାରଣମନ୍ତ୍ରାଣଳୟ ପର୍ଯ୍ୟନ୍ତ ମହମବତୀ ଶୋଭାଯାତ୍ରା କରିଛନ୍ତି । କାର୍ଯ୍ୟକ୍ରମରେ ଓଡ଼ିଶାରୁ ସେଖତାହିର ଅହମ୍ମଦ, ଶୁଭେନ୍ଦୁକାନୁନଗୋ, ରାଧେଶ୍ୟାମ ପଣ୍ଡା, ରୋହିତ କୁମାରକିଣ୍ଡା, ଅକ୍ଷୟକୁମାର ବେହେରା, ହରିଶଙ୍କର ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ । ଆଇଏଫଏସଏମଏନ ଓ ଏନଏମସିର ପ୍ରତିଷ୍ଠାତା ସଭାନେତ୍ରୀ ପୁଷ୍ପା ପାଣ୍ଡିଆଙ୍କ ମାର୍ଗ ଦର୍ଶନ, ଅଧ୍ୟକ୍ଷ ଅରୁଣ ଗୋଏଲ, କାର୍ଯ୍ୟକାରୀ ସଭାପତି ମଞ୍ଜୁ ସୋରାନା ଆବାହକ ଡକ୍ଟର କମଲ ଝନୁଝୁନଓ୍ୱାଲା, ସହଆବାହକ ବି.ଏସ. ଦେଶପାଣ୍ଡେ, ରାଷ୍ଟ୍ରୀୟ ପତ୍ରକାର ମହାସଂଘ ସଭାପତି ଧିରଜ କୁମାର ଆଇଏଫଏସଏମଏନର କୋଷାଧ୍ୟକ୍ଷ ଓ୍ୱି.କେ ନାରାୟଣ ପୁରକର, ତାମିଲନାଡୁ ସଭାପତି ମାଇଥୋଲି ରାଜାଙ୍କ ସହାୟତାରେ ଦେଶର ସମସ୍ତ ରାଜ୍ୟର ୨୦୦ରୁ ଅଧିକ ପ୍ରତିନିଧି ଯୋଗ ଦେଇଥିଲେ । ଆଇଏଫଏସଏମଏନର ପ୍ରତିଷ୍ଠାତା ସଦସ୍ୟ ଶିବ କୁମାର, କେ.ସଞ୍ଜିବ, ବରିଷ୍ଠ ଉପସଭାପତି ସୁରେନ୍ଦ୍ର ବର୍ମା, ବାଳାସାହେବ ଆମ୍ବେକର, ଜଗଦିଶ୍ ଯାଦବ, ଯଶବିନ୍ଦର ବଲ ପ୍ରଭୃତିଙ୍କୁ ସମ୍ମାନିତ କରାଯାଇଥିଲା । ଏନଏମସିର ମହାସଚିବ ଶିବୁ ଖାନ୍ କାର୍ଯ୍ୟକ୍ରମକୁ ସ▯ାଳନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାର ଉପରେ ଚଢ଼ାଉ କଲେ ଅବକାରୀ ବିଭାଗ, ନକଲି ମଦ ଜବତ

ନିଶ୍ଚିନ୍ତକୋଇଲି,୨୬।୯(ପି.ଏନ): ପୁଣି ବାର ଉପରେ ଅବକାରୀ ବିଭାଗର ଚଢ଼ାଉ । କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅଧିନ ନିଶ୍ଚିନ୍ତକୋଇଲି ବଜାରରେ ଥିବା ଏସଆର ବାର ଉପରେ କଟକ ଅବକାରୀ ବିଭାଗ ଚଢ଼ାଉ କରିଛି । ଏହି ବାରରୁ ବ୍ୟାପକ ନକଲି ମଦ, ଠିପି, ଷ୍ଟିକର ଜବତ କରିଛି ଅବକାରୀ ବିଭାଗ । ଅବକାରୀ ବିଭାଗର ୧୦ ଜଣିଆ ଟିମ ଅତର୍କିତ ଚଢ଼ାଉ କରିଥିଲେ ।ସୂଚ଼ନାରୁ ପ୍ରକାଶ ବାରରେ ନକଲି ମଦ ବିକ୍ରି ହେଉଥିବା ଖବର ପାଇଁ ଅବକାରୀ ବିଭାଗର ୧୦ ଜଣିଆ ଟିମ ଅତର୍କିତ ଚଢ଼ାଉ କରିଥିଲେ । ଅବକାରୀ ବିଭାଗର ଡେପୁଟି କମିଶନର ଅରୂପା ପାଣିଗହୀ ନେତୃତ୍ୱରେ ଅବକାରୀ ବିଭାଗ ଅଧିକାରୀ ବିଜୟ ଭୂଷଣ ନାୟକ, କମଳ ଲୋଚ଼ନ ପାଇକରାୟ, ଈଶ୍ୱର ଟୁଡୁ ପ୍ରମୁଖ ଗୁରୁବାର ସକାଳୁ ଭଦ୍‌ରେଶ୍ୱର ଥାନା ଅଧୀନ ଝଡେଶ୍ୱରପୁର ଗ୍ରାମରୁ ପର୍ଯ୍ୟାପ୍ତ ପରିମାଣର ନକଲି ମଦ ଜବତ କରିଥିଲେ । ଏହି ମାମଲାରେ ୩ ଜଣଙ୍କୁ ଅଟକ ରଖି କେନ୍ଦୁପାଟଣା ଅବକାରୀ କାର୍ଯ୍ୟାଳୟରେ ତଦନ୍ତ ଚ଼ାଲିଥିବା ଜଣାପଡ଼ିଛି ।

## ୫୯ଜଣ ଓଏଏସ୍ ଅଫିସରଙ୍କ ବଦଳି: ୪୩ ବ୍ଲକରେ ନୂଆ ବିଡିଓ

ଭୁବନେଶ୍ୱର,୨୬।୯(ପି.ଏନ): ରାଜ୍ୟର ମୋହନ ମାଝୀ ସରକାର ଆଜି ମୋଟ ୫୯ଜଣ ଓଏଏସ୍ ଅଫିସରଙ୍କ ବଦଳି କରିଛନ୍ତି । ୪୩ଟି ବ୍ଲକରେ ନୂଆ ବିଡିଓଙ୍କୁ ନିଯୁକ୍ତି ମିଳିଥିବାବେଳେ ୩ଜଣ ବିଡିଓଙ୍କୁ ରାଜସ୍ୱ ବିଭାଗକୁ ଫେରାଇ ଦିଆଯାଇଛି । ଆଉ ୧୩ଜଣ ବରିଷ୍ଠ ଓଏଏସ୍ ଅଫିସରଙ୍କୁ ମଧ୍ୟ ବଦଳି କରି ନୂଆ ସ୍ଥାନରେ ଅବସ୍ଥାପିତ କରାଯାଇଛି । ସେମାନଙ୍କ ମଧ୍ୟରୁ ୪ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ନିଯୁକ୍ତି ମିଳିଛି । ଏ ସଂକ୍ରାନ୍ତରେ ଆଜି ସାଧାରଣ ପ୍ରଶାସନ ବିଭାଗ ଓ ପଂଚ଼ାୟତିରାଜ ବିଭାଗ ପକ୍ଷରୁ ଭିନ୍ନ ଭିନ୍ନ ବଦଳି ନିର୍ଦ୍ଦେଶ ଜାରି ହୋଇଛି ।ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଓଏମସି ଜେନେରାଲ ମ୍ୟାନେଜର ବରିଷ୍ଠ ଓଏଏସ୍ ପ୍ରଫୁଲ୍ଲ କୁମାର ସ୍ୱାଇଁଙ୍କ




ସମେତ କଟକସ୍ଥିତ ବନ୍ଦୋବସ୍ତ ଅଧିକାରୀ ବବିତାରାଣୀ ଦଳବେହେରା, ଓସଡମା ମୁଖ୍ୟ ଜେନେରାଲ ମ୍ୟାନେଜର ରଶ୍ମୀରଞ୍ଜନ ସାହୁ ଓ ବିଏମସି ଡେପୁଟି କମିଶନର ପ୍ରିୟବ୍ରତ ପା?ୀ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ମୁତୟନ କରାଯାଇଛି । ଏହି ସମସ୍ତ ୪ ବରିଷ୍ଠ ଓଏଏସ୍ ଅଫିସରଙ୍କୁ ସାଧାରଣ ପ୍ରଶାସନ ବିଭାଗକୁ ବଦଳି କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ମୁତୟନ କରାଯାଇଛି ।

## ସୁଭଦ୍ରା ଟଙ୍କାକୁ ନେଇ ବଡ ଅପଡେଟ୍, ଦୁର୍ଗାପୂଜାରେ ମହିଳା ହେବେ ମାଲାମାଲ

ଭୁବନେଶ୍ୱର,୨୬।୯(ପି.ଏନ): ସୁଭଦ୍ରା ଯୋଜନାକୁ ଆସିଲା ବଡ ଅପଡେଟ୍ । ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଦେଲେ ବଡ ସୂଚ଼ନା । ସୁଭଦ୍ରା ଯୋଜନାରେ ଦ୍ୱିତୀୟ ପର୍ଯ୍ୟାୟ ସହାୟତା ଖୁବ୍ ଶିଘ୍ର ହିତାଧିକାରୀଙ୍କୁ ମିଳିବାକୁ ଯାଉଛି । ଏନେଇ ଆଜି ମୁଖ୍ୟମନ୍ତ୍ରୀ ସୂଚ଼ନା ଦେଇଛନ୍ତି । ଆବେଦନକାରୀଙ୍କ ସଂଖ୍ୟା ୯୧ଲକ୍ଷ ଟଙ୍କା ଟପିଥିବା କହିଛନ୍ତି ଉପମୁଖ୍ୟ ମନ୍ତ୍ରୀ । ଚ଼ାରୋଟି ସ୍ଲାବରେ ହିତାଧିକାରୀ ପାଇବେ ସୁଭଦ୍ରା କିସ୍ତି ସହାୟତା ଟଙ୍କା ।ବିଜେପିର ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ଏହି ଗୁରୁତ୍ୱପୂର୍ଣ୍ଣ ସୂଚ଼ନା ଦେଇଛନ୍ତି । କହିଛନ୍ତି, ଆଗକୁ ଭଉଣୀମାନଙ୍କ ଯେଉଁ ପର୍ବ ଆସୁଛି । ସେହି ପର୍ବଦିନ ବାକି ୨୫ ଲକ୍ଷ ମହିଳାଙ୍କୁ ଟଙ୍କା ମିଳିବା ନେଇ ସେ ଆଶା ରଖିଛନ୍ତି । ଦୁର୍ଗାଷ୍ଟମୀ ଦିନ ଅର୍ଥାତ ଦଶହରାର ଦୁଇ ଦିନରେ ହୁଏତ ଏହି ଟଙ୍କା ଆସିବ ମହିଳାଙ୍କ ଖାତାକୁ । ଦୁର୍ଗାପୂଜା ପାଇଁ ମହିଳାଙ୍କୁ ଏହା ସରକାରଙ୍କ ଭେଟି ହୋଇପାରେ ବୋଲି ଚ଼ର୍ଚ୍ଚା ହେଉଛି । ଆଗକୁ ଏ ସଂକ୍ରାନ୍ତରେ ଆହୁରି ସ୍ପଷ୍ଟ ସୂଚ଼ନା ଆସିବ ବୋଲି କୁହାଯାଉଛି ।ସେପଟେ ସୁଭଦ୍ରା ଯୋଜନା ପାଇବା ପାଇଁ ବର୍ତ୍ତମାନ ସୁଦ୍ଧା ପାଖାପାଖି ୯୨ ଲକ୍ଷ ମହିଳା ଆବେଦନ କରିଛନ୍ତି ।

## ଭଦ୍ରକର ଅଦ୍ୱିତୀୟ ଜନନେତା ଲକ୍ଷ୍ମୀ ମହାପାତ୍ରଙ୍କ ବିୟୋଗରେ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ଶୋକ

ଭଦ୍ରକ,୨୬।୯(ପି.ଏନ): ଭଦ୍ରକ ଅ▯ଳର ଜଣାଶୁଣା ଜନନେତା ଅଖିଳଭାରତୀୟ ବିଦ୍ୟାର୍ଥୀ ପରିଷଦର ଓଡ଼ିଶାର ଜଣେ ଅଗ୍ରଣୀ ଛାତ୍ର ସଙ୍ଗଠକ ତଥା ସମାଜସେବୀ ଶ୍ରୀ ଲକ୍ଷ୍ମୀ ମହାପାତ୍ରଙ୍କ ଅକାଳ ବିୟୋଗରେ ବିଶ୍ୱର କୋଣ ଅନୁକୋଣରେ ତାଙ୍କୁ ଭଲ ପାଉଥିବା ବ୍ୟକ୍ତି ଶୁଭେଚ୍ଛୁମାନେ ସ୍ତବ୍ଧ ହୋଇଛନ୍ତି । ଭଦ୍ରକ ଅ▯ଳରେ ଲକ୍ଷ୍ମୀ ଭାଇ ଭାବେ ପରିଚିତ ଶ୍ରୀ ମହାପାତ୍ର ତାଙ୍କ ଜୀବଦଶା ଭିତରେ ଭିନ୍ନ କ୍ଷେତ୍ରରେ ନେତୃତ୍ୱ ନେବା ବ୍ୟକ୍ତି ସୃଷ୍ଟି କରିପାରିଥିଲେ । ଏହି ଅଳ୍ପ କିଛି ଦିନ ତଳେ ତାଙ୍କର ଧର୍ମପତ୍ନୀ ଶ୍ରୀମତୀ ସାବିତ୍ରୀ ମହାପାତ୍ରଙ୍କ ଅକାଳ ବିୟୋଗ ଘଟିଥିଲା । ତାଙ୍କ ଶେଷ ଦର୍ଶନ ନିମନ୍ତେ ତାଙ୍କର ଅନୁଜ ତଥା ରାଜ୍ୟ ବିଜେପି ସଭାପତି ଶ୍ରୀ ମନମୋହନ ସାମଲଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ସାମିଲ



ହୋଇଥିଲେ । ତାଙ୍କ ବିୟୋଗରେ ପର୍ଯ୍ୟବେକ୍ଷକ ଓ ଦି କଳିଙ୍ଗ କ୍ରୋନିକିଲର ମୁଖ୍ୟ ସମ୍ପାଦକ ଡକ୍ଟର ପବିତ୍ରମୋହନ ସାମନ୍ତରାୟ ବରିଷ୍ଠ ସାମ୍ବାଦିକ ତଥା ଓ୍ୱାର୍ଲ୍ଡ ଓଡ଼ିଶା ସୋସାଇଟର ଅଧ୍ୟକ୍ଷ କିଶୋର ଦ୍ୱିବେଦି, ରାଷ୍ଟ୍ରପତି ଉପପ୍ରେସ୍ ସଚିବ ଶ୍ରୀ ବିଜୟ ନାୟକ, ଭଦ୍ରକ ବିଧାୟକ ସଞ୍ଜିବ ମଲ୍ଲିକ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ମଲିକ, ସମାଜସେବୀ ବିପ୍ଳବ ହୋତା, ସାମ୍ବାଦିକ ଶ୍ରୀକାନ୍ତ ତ୍ରିପାଠୀ, ଆମେରିକାସ୍ଥିତ ପ୍ରବାସୀ ଓଡ଼ିଆ ଧିରେନ୍ଦ୍ର କର ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରିଥିଲେ ।

## ରାସ୍ତା ଉପରେ ତୋରଣ ନିର୍ମାଣକୁ ବାରଣ କଲେ ହାଇକୋର୍ଟ

ଭୁବନେଶ୍ୱର,୨୬।୯(ପି.ଏନ):ଆସୁଛି ପାର୍ବଣ ଋତୁ । ଜମିବ ପୂଜା । ହେଲେ ଏହି ପାର୍ବଣ ଋତୁରେ ଲାଗିଛି ବଡ ଝଟ୍‌କା । କାରଣ ଦଶହରା ଉତ୍ସବକୁ ନେଇ ଆଜି ହାଇକୋର୍ଟ ଦେଇଛନ୍ତି କଡା ନିର୍ଦ୍ଦେଶ । ରାସ୍ତା ଉପରେ ତୋରଣ ନିର୍ମାଣକୁ ବାରଣ କରିଛନ୍ତିକୋର୍ଟ । ରାସ୍ତା ଉପରୁ କେବୁଲ ଓ ତାର ହଟାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହ କଟକ ସହରର ରାସ୍ତାଘାଟ ଅବସ୍ଥାକୁ ନେଇ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି । ୫ ତାରିଖ ସୁଦ୍ଧା ରାସ୍ତା ମରାମତି ସାରିବାକୁ ପୂର୍ତ୍ତ ସଚିବ କୋର୍ଟଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ।

## ପୁଲିସର 'ମାଫିଆଗିରି', ଗୁମର ଖୋଲି ତାଗିଦ୍ କଲେ ପୁଲିସ ଡିଜି : ବେଆଇନ କାର୍ଯ୍ୟରୁ ବିରତ ରୁହ

ଭୁବନେଶ୍ୱର,୨୬।୯(ପି.ଏନ): ଓଡିଶା ପୁଲିସ ପୁଣିଥରେ ନିଜର ବେଆଇନ ଗତିବିଧି ଓ କାର୍ଯ୍ୟକଳାପ ପାଇଁ ବିବାଦଘେରକୁ ଆସିଛି । ରାଜ୍ୟର ବିଭିନ୍ନ ଶିଳ୍ପାଂଚ଼ଳରେ ଓଡିଶା ପୁଲିସର 'ମାଫିଆଗିରି'ର ଗୁମର ଖୋଲିଛନ୍ତି ଖୋଦ୍ ପୁଲିସ ଡିଜି । ଶିଳ୍ପ ଅଂଚ଼ଳରେ ଖଣି ମାଫିଆ ଓ ବ୍ୟବସାୟୀଙ୍କ ହାତବାରିସୀ ସାଜି ବିଭିନ୍ନ ପ୍ରକାରର ଅଣପୁଲିସ କାର୍ଯ୍ୟ(ଖଣିଜ ସାମଗ୍ରୀ ପରିବହନ)ରେ ଜଡିତ ଫିଲଡ୍ ଷ୍ଟାଫ(ପୁଲିସ ଅଫିସର ଓ କର୍ମଚ଼ାରୀ)ଙ୍କୁ ତୁରନ୍ତ ଏଥିରୁ ବିରତ ରହିବାକୁ ପୁଲିସ ମୁଖ୍ୟାଳୟରୁ ନିର୍ଦ୍ଦେଶ ଜାରି ହୋଇଛି । ଆଉ ଏଭଳି ଗତିବିଧିରେ ସମ୍ପୃକ୍ତ ଥିବା ଜଣାପଡିଲେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତାଗିଦ୍ କରାଯାଇଛି । ସବୁ ପୁଲିସ ଏସପି, ଡିଆଇଜି,ଆଇଜି ଓ



ପୁଲିସ କମିଶନରଙ୍କୁ ଚ଼ିଠି ଲେଖି ରାଜ୍ୟ ପୁଲିସ ମୁଖ୍ୟାଳୟ (ଆଇନଶୃଙ୍ଖଳା ଅତିରିକ୍ତ ଡିଜି) ଅବଗତ କରାଇବା ପରେ ପୁଲିସକୁ ରାଜ୍ୟର ବିଭିନ୍ନ ଶିଳ୍ପାଂଚ଼ଳ ବିଶେଷକରି ଖଣି ଅଂଚ଼ଳରେ 'ମାଫିଆଗିରି' କରିବା ପାଇଁ ତତକାଳୀନ ସରକାର ପରୋକ୍ଷରେ ସମ୍ମତି ଦେଇଥିବାର ଅଭିଯୋଗ ଏବେ ସତ ପ୍ରମାଣିତ ହେବାରେ ଲାଗିଛି ।ରାଜ୍ୟ ପୁଲିସ ମୁଖ୍ୟାଳୟ ପକ୍ଷରୁ ଗତ ୨୪ତାରିଖରେ ଏକ ଚ଼ିଠି ଲେଖାଯାଇଛି । ଯେଉଁଥିରେ ଆଇନଶୃଙ୍ଖଳା ଅତିରିକ୍ତ ଡିଜି ସ୍ପଷ୍ଟ ଭାବେ କହିଛନ୍ତି ଯେ, କିଛି ପୁଲିସ ଫିଲଡ୍ ଅଫିସର ଶିଳ୍ପାଂଚ଼ଳ ଓ ଖଣି ଅଂଚ଼ଳରେ ଅଣପୁଲିସ ଗତିବିଧି ବିଶେଷକରି ପରିବହନ କାର୍ଯ୍ୟରେ ସମ୍ପୃକ୍ତ ଥିବା ନେଇ ଜିଲ୍ଲା ଏସପି ମୁଖ୍ୟାଳୟମାନଙ୍କର ନଜରକୁ ଆସିଛି । ପୁଲିସ ଡିଜି ଏହି ଘଟଣାରେ ଗଭୀର ଉଦବେଗ ବ୍ୟକ୍ତ କରିବା ସହ ଏସବୁ କାର୍ଯ୍ୟ ପୁଲିସର ଦାୟିତ୍ୱ ବାହାରେ ବୋଲି କହିଛନ୍ତି । ଯଦି କୌଣସି ପୁଲିସ୍ ଅଫିସର ଏଭଳି କାର୍ଯ୍ୟରେ ସମ୍ପୃକ୍ତି ଜାରି ରୁହନ୍ତି ଅବା କାହାରି ସହ ପକ୍ଷପାତ କରିଥିବା ଜଣାପଡ ? ତାକୁ ଗୁରୁତର ଭାବେ ଗ୍ରହଣ କରାଯିବ । ତେଣୁ ସମସ୍ତ ଫିଲଡ୍ ଅଫିସରମାନଙ୍କୁ ଏହି ନିର୍ଦ୍ଦେଶକୁ ଗ୍ରହଣ କରିବା ସହ କଡାକଡି ଅନୁପାଳନ ପାଇଁ ନିର୍ଦ୍ଦେଶ ଦିଆଯାଉଛି ବୋଲି ଅତିରିକ୍ତ ପୁଲିସ ଡିଜି(ଆଇନଶୃଙ୍ଖଳା) କହିଛନ୍ତି ।

## ପାଣି ଟାଙ୍କିରୁ ମିଳିଲା ନିଖୋଜ ନାବାଳିକାର ମୃତଦେହ, ଦୁଷ୍କର୍ମ ପରେ ହତ୍ୟା ସନ୍ଦେହ



ଭୁବନେଶ୍ୱର,୨୬।୯(ପି.ଏନ): ମଧ୍ୟପ୍ରଦେଶର ଭୋପାଳରୁ ନିଖୋଜ ହୋଇଯାଇଥିବା ୫ ବର୍ଷୀୟ ଶିଶୁ କନ୍ୟାର ମୃତଦେହ ମିଳିଛି । ତାକୁ ଅପହରଣ କରି ନିଆଯାଇଥିବା ଆଶଙ୍କା କରାଯାଉଥିଲେ ହେଁ ଆଜି ସେ ରହୁଥିବା ବିଲଡିଂର ପାଣି ଟାଙ୍କିରୁ ମୃତଦେହକୁ ପୁଲିସ ଉଦ୍ଧାର କରିଛି ।କେହି ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା କରି ପାଣି ଟାଙ୍କିରେ ଫିଙ୍ଗି ଦେଇଥିବା ପୁଲିସ୍ ସନ୍ଦେହ କରୁଛି । ଘଟଣାଟି ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିବାରୁ ରାଜ୍ୟ ସରକାର ସ୍ୱତନ୍ତ୍ର ତଦନ୍ତକାରୀ ଟିମ ଗଠନ କରିଛନ୍ତି ।୩ ଦିନ ତଳେ ୫ ବର୍ଷୀୟ ଝିଅଟି ନିଖୋଜ ହୋଇଥିବା ଖବର ମିଳିଥିଲା । ତା'କୁ ଠାବ କରିବା ପାଇଁ ୫ଟି ପୁଲିସ ଷ୍ଟେସନର ୧୦୦ରୁ ଅଧିକ ପୁଲିସ୍ କର୍ମଚ଼ାରୀ ଲାଗି ପଡିଥିଲେ । ଡଗ ସ୍କ୍ୱାଡ ଓ ଡ୍ରୋନ ମଧ୍ୟ ବ୍ୟବହାର ହୋଇଥିଲା । ବିଲଡିଂରେ ଥିବା ୧୦୦୦ ଫ୍ଲାଟ ସହ ଓ୍ୱାଶିଂ ମେସିନକୁ ପୁଲିସ ଯାଞ୍ଚ କରିଥିଲା । ତେବେ ୭୨ ଘଣ୍ଟା ପରେ ଗୋଟିଏ ପାଣି ଟାଙ୍କିରୁ ମୃତଦେହ ମିଳିଛି ।








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କଡ଼୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିଦ୍ଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନୀୟନ୍ତା , ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୂଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉହାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତ୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

# ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟା ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ଐସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

# ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ମୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା'ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଳଭି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ

ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ "ଦି ଇଣ୍ଟରଭ୍ୟୁ ଟାଇମ୍ସ" ପରିବାର ତରଫରୁ ସମ୍ମାନଜନକ "ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି" ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସ୍ୱତନ୍ତ୍ର ସଂଖ୍ୟା "ଭିଜନ୍ ଅଫ୍ ଓଡ଼ିଶା-୨୦୧୯" ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

# ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

# ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯିବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

# ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ତେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# କଲେ ହେଲା ବୁଡ଼ିବ ଭେଲା...

ଜୀବନରେ ନିଜର ପାରିବାରିକ କ୍ଷେତ୍ର ହେଉ ବା ସ୍ୱାସ୍ଥ୍ୟ କ୍ଷେତ୍ର, କର୍ମ ସଂସ୍ଥାନର କ୍ଷେତ୍ର ହେଉ ବା ଆଧାତ୍ମିକର କ୍ଷେତ୍ର। ସତରେ 'କଲେ ହେଲା ବୁଡ଼ିବ ଭେଲା।' ହେଲାରୁ ଭେଲା ବୁଡ଼ିବାର ନଜିର ଆମ ସାମ୍ନାରେ ପ୍ରତିଦିନ ଆମେ ଦେଖିଥାଉ। ଆଶ୍ଚର୍ଯ୍ୟର କଥା ହେଉଛି, ଆମେ ଜାଣିପାରି ମଧ୍ୟ ଅନେକ ସମୟରେ ନିଜର ଭେଲା ବୁଡ଼ାଇ ନିଜେ ହଇରାଣ ହେବା ସହ ଅନ୍ୟମାନଙ୍କୁ ଅସୁବିଧାରେ ବି ପକାଇଥାଉ। ଦେଖାଯାଏ କେତେକ କ୍ଷେତ୍ରରେ ନିଜ ହେଲା ସମ୍ପର୍କରେ ବୁଝିଲା ବେଳକୁ ନେଡ଼ିଗୁଡ଼ କହୁଣୀକୁ ବୋହିଯାଇଥାଏ। ସେତେବେଳକୁ ଆଉ ନିଜ ନିୟନ୍ତ୍ରଣରେ କିଛି ବି ନଥାଏ। ପୃଥିବୀରେ ମଣିଷ ହେଉଛି ସବୁଠାରୁ ବୁଦ୍ଧିମାନ ପ୍ରାଣୀ; କିନ୍ତୁ ନିଜେ ନିଜ ଦୁର୍ବୁଦ୍ଧି ପାଇଁ ଓ କେତେକ କ୍ଷେତ୍ରରେ ପରବୁଦ୍ଧି ଓ କେତେକ କ୍ଷେତ୍ରରେ ବୁଦ୍ଧିହୀନ ପାଇଁ ଅସୁବିଧାକୁ ଆମନ୍ତ୍ରଣ କରିଥାଏ। କିଛିଦିନ ତଳେ ଗଣମାଧ୍ୟମରେ କାର୍ଯ୍ୟ କରୁଥିବା ଅନୁଜପ୍ରତୀମ ଶ୍ରଦ୍ଧେୟ ସୁଶାନ୍ତକୁ ନେଇ ତା'ର ଚକ୍ଷୁ ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ଅସୁବିଧା ପାଇଁ ଓଡ଼ିଶାର ବିଶିଷ୍ଟ ଯୁବ ଚକ୍ଷୁ ରୋଗ ବିଶେଷଜ୍ଞ ଡାକ୍ତର ଅନୁରାଗ ମିଶ୍ରଙ୍କ ପାଖକୁ ନେଇଥିଲି। ଅନୁରାଗ ମିଶ୍ର କଟକ କାଠଯୋଡ଼ି ରିଙ୍ଗରୋଡ଼ ରାଧାରମଣ ଚକ୍ଷୁ ହସ୍ପିଟାଲ ଓ ରିସର୍ଚ୍ଚ ଇନଷ୍ଟିଚ୍ୟୁଟରେ ରୋଗୀ ସେବା କରୁଛନ୍ତି। ଅନୁଜ ସୁଶାନ୍ତର ପରିଚୟ ଗଣମାଧ୍ୟମରେ ପରିଚିତି ଓ କାର୍ଯ୍ୟଦକ୍ଷତା ଶୁଣିବା ପରେ ସେ ବଡ଼ ବିଷାଦଭରା କଣ୍ଠରେ କହିଲେ ଆମେ ଅବହେଳା ସମ୍ପର୍କରେ ବିଭିନ୍ନ କଥା ଶୁଣୁଛୁ। ପ୍ରଶାସନର ଅବହେଳା, ଡାକ୍ତରର ଅବହେଳା, ପୋଲିସର ଅବହେଳା, ଅଭିଭାବକଙ୍କ ଅବହେଳା ସବୁଠି ଅବହେଳାର ଚିତ୍ର ଓ ଚରିତ୍ର ଛତୁ ଫୁଟୁଥିବାବେଳେ ଜଣେ ଅନୁଭବୀ, କାର୍ଯ୍ୟଦକ୍ଷ ଓ ଲୋକପ୍ରିୟ ଯୁବ ବ୍ୟକ୍ତିତ୍ୱ ହୋଇ ବି ଶରୀରର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଚକ୍ଷୁର ଅବହେଳାକୁ ନେଇ ସେଦିନ ଅନୁରାଗ ବାବୁ ବହୁତ ଦୁଃଖିତ ହୋଇପଡ଼ିଲେ। ଓଡ଼ିଶାର ସମସ୍ତ ଛପା ଗଣମାଧ୍ୟମରେ କାର୍ଯ୍ୟ କରୁଥିବା ଏପରି ଜଣେ ଯୁବ ବ୍ୟକ୍ତିତ୍ୱ ଯିଏ କି ତାଙ୍କ ଘରୋଇ ପାଠାଗାରରେ ଅଧକୋଟି ଟଙ୍କାର ଦୁର୍ଲ୍ଲଭ, ଉପାଦେୟ ଓ ମୂଲ୍ୟବାନ ପୁସ୍ତକ ରଖିଛନ୍ତି। ଏହାସହ ପ୍ରତିଦିନ ଓଡ଼ିଶାର ସମସ୍ତ ଛପା ଖବରକାଗଜ କିଣନ୍ତି ଓ ପଢ଼ନ୍ତି; କିନ୍ତୁ ଦୀର୍ଘଦିନ ଧରି ଚକ୍ଷୁ ସମସ୍ୟା ଅନୁଭବ କରି ତାଙ୍କର ଅନେକ ପରିଚିତ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ବନ୍ଧୁ ଥାଇ ମଧ୍ୟ ସେ ନିଜ ଚକ୍ଷୁ ପରୀକ୍ଷା ନକରି ତା'ର ସହାୟକ ଶ୍ରଦ୍ଧେୟ ଶ୍ରୀକାନ୍ତଠାରୁ ପାଇଥିବା ଏକ ଲେନ୍ସରେ ସେ ଲେଖାପଢ଼ା କରୁଛନ୍ତି। ଲେନ୍ସରେ ଦୀର୍ଘଦିନ ଧରି ପଢ଼ାପଢ଼ି କରିବା ଆଖିକୁ ପ୍ରତିକୂଳ ସ୍ୱାସ୍ଥ୍ୟ ସମସ୍ୟା ଭିତରକୁ ଠେଲିଦେବା ସହ ଦୃଷ୍ଟିଶକ୍ତି ମଧ୍ୟ କମାଇ ଦେଇଛି। ଯାହାଫଳରେ ସୁଶାନ୍ତ ପ୍ରଥମ ଥର ପାଇଁ ଚଷମା ବ୍ୟବହାର କରିବା ପାଇଁ ବାଧ୍ୟ ହେଲା। ଅନୁରାଗ ବାବୁଙ୍କ ଯନ୍ତ୍ରଣାସିକ୍ତ କଥାଟି ଥିଲା ଯେ ଆମ ଗହଣରେ ଏପରି ଅନେକ ବ୍ୟକ୍ତିତ୍ୱ ରହିଛନ୍ତି ଯେଉଁମାନେ ଅତ୍ୟନ୍ତ ଗୁଣୀ, ଜ୍ଞାନୀ ଓ ସଚେତନ ମଧ୍ୟ ଏବଂ ଏହା ସହ ଆର୍ଥିକ କ୍ଷେତ୍ରରେ ସେମାନେ ମଧ୍ୟ ସ୍ୱଚ୍ଛଳ। କିନ୍ତୁ ସାମାନ୍ୟ ଅବହେଳା ପାଇଁ ସେମାନେ ନିଜର ମୂଲ୍ୟବାନ ସମୟ ଓ ସମ୍ପତ୍ତିକୁ ଏକ ପ୍ରକାର ନଷ୍ଟ କରିଦେଇଥା'ନ୍ତି।

ଚକ୍ଷୁ ଆମ ଶରୀର ସ୍ୱାସ୍ଥ୍ୟର ଅମୂଲ୍ୟ ଓ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସମ୍ପତ୍ତି। ତେବେ ଏ ଅବହେଳା କ'ଣ ପାଇଁ ହେଲା? ବ୍ୟସ୍ତତା, ଭାବପ୍ରବଣତା ନା ଆଉ କିଛି? ସୁଶାନ୍ତର ବୟସ ସେତେ ବେଶି ନୁହେଁ। ଜଣେ ଯୁବ ଓ କର୍ମଦକ୍ଷ ସାମ୍ବାଦିକ ଭାବେ ସେ ସୁପରିଚିତ। ବଡ଼କଥା ହେଉଛି ସ୍ୱାସ୍ଥ୍ୟ ବିଭାଗର ପ୍ରତିଟି ବିଭାଗରେ ଓଡ଼ିଶାରେ ବେଶ ନାଁ କମାଇଥିବା ପ୍ରଫେସର ଓ ଡାକ୍ତରମାନେ ତାର ଅତ୍ୟନ୍ତ ଘନିଷ୍ଠ ବନ୍ଧୁ। ତା' ସତ୍ତ୍ୱେ ସେ ଏତେ ଅବହେଳା କରି ନିଜର ଯେଉଁ କ୍ଷତି କରିଦେଲା ତାହା ମୋତେ ଅତ୍ୟନ୍ତ ଦୁଃଖିତ କରିଦେଲା। ଡାକ୍ତର ଅନୁରାଗ ବାବୁଙ୍କ ବାପା ସ୍ୱର୍ଗତଃ ପ୍ରଫେସର ଡାକ୍ତର ବ୍ରଜସୁନ୍ଦର ମିଶ୍ର ଓଡ଼ିଶାରେ ଜଣେ କେବଳ ଓଡ଼ିଶାରେ ନୁହେଁ ସମଗ୍ର ଭାରତରେ ପ୍ରଥିତଯଶା ଚକ୍ଷୁ ରୋଗ ବିଶେଷଜ୍ଞ। ୧୯୮୦-୯୦ ମସିହା ଭିତରେ ତତ୍କାଳୀନ ସମୟରେ ଓଡ଼ିଶାର ଶ୍ରୀସତ୍ୟସାଇ ସେବା ସଙ୍ଗଠନର ଗ୍ରାମାଞ୍ଚଳରେ ଯେତେସବୁ ମାଗଣା ମୋତିଆବିନ୍ଦୁ ଅସ୍ତ୍ରୋପଚାର ଶିବିର ହେଉଥିଲା, ତାହାର ଅନ୍ୟତମ ପୁରୋଧା ଥିଲେ ଡାକ୍ତର ବ୍ରଜସୁନ୍ଦର ମିଶ୍ର। ଓଡ଼ିଶାର ଅଗମ୍ୟ ଗ୍ରାମାଞ୍ଚଳକୁ ନିଃସ୍ୱାର୍ଥପର ଭାବରେ ଅନେକ କ୍ଷେତ୍ରରେ ନିଜେ ହାତରୁ ପଇସା ଖର୍ଚ୍ଚ କରି ଗରିବ ଲୋକମାନଙ୍କ ମାଗଣା ମୋତିଆବିନ୍ଦୁ ଅସ୍ତ୍ରୋପଚାର କରୁଥିଲେ। ତାଙ୍କ ପରଲୋକ ସମୟରେ ଓଡ଼ିଶାର ବିଶିଷ୍ଟ ଇଏନଟି ବିଶେଷଜ୍ଞ ପ୍ରଫେସର ଡାକ୍ତର ଦୟାନିଧି ଦାସ ଏହି ସୁଶାନ୍ତ ମାଧ୍ୟମରେ ଓଡ଼ିଶାର ସମସ୍ତ ଗଣମାଧ୍ୟମରେ ଖବର ଓ ଲେଖା ପ୍ରକାଶ କରାଇଥିଲେ। ସେତେବେଳେ ଡାକ୍ତର ଅନୁରାଗ ମିଶ୍ରଙ୍କ ସଂସ୍ପର୍ଶରେ ସେ ଆସିନଥିଲେ। ରାଧାରମଣ ଚକ୍ଷୁ ହସ୍ପିଟାଲ ଓଡ଼ିଶାର ଏକ ପ୍ରମୁଖ ଚକ୍ଷୁରୋଗ ଗବେଷଣା ଓ ସେବା ପ୍ରତିଷ୍ଠାନ। ଅସହାୟ, ଗରିବ ଲୋକମାନଙ୍କ ପାଇଁ କିଛି ସ୍ୱତନ୍ତ୍ର ସେବା ବ୍ୟବସ୍ଥା ମଧ୍ୟ ରହିଛି। ଏଠାରେ କାର୍ଯ୍ୟରତ ଉତ୍ସର୍ଗୀକୃତ ସେବା ମନୋଭାବର ପାଖାପାଖି ତିରିଶରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କ କର୍ମସଂସ୍ଥାନର ଦାୟିତ୍ୱ ଅନୁରାଗ ବାବୁଙ୍କ ଉପରେ। ବଡ଼କଥା ହେଉଛି, ସେହି ଡାକ୍ତରଖାନାର ପରିଚାଳକ ସୁଧୀର କୁମାର ଛାଟୋଇ, ଦେବୀ ପ୍ରସାଦ ସାହୁ, ପ୍ରଦୀପ କୁମାର ପ୍ରଧାନ, ପିଆଲି ଦାସ, ପ୍ରିୟଙ୍କା ଦାସ, ଓଟି ସହାୟିକା ସ୍ୱରୂପା ଦାସ, ସସ୍ମିତା ମୁଖୀ, କ୍ରୀଷ୍ଟା ପାଲ ଓ ଅନ୍ୟ ପ୍ରମୁଖ କର୍ମକର୍ତ୍ତା ଏବଂ ସେବାକାରୀଙ୍କ ଉତ୍ସର୍ଗୀକୃତ ସେବାମନୋଭାବ ଓ ବ୍ୟବହାର। ରୋଗୀଟିଏ ଯନ୍ତ୍ରଣାସିକ୍ତ ଭାବରେ ଆସିଥାଏ ଉପଶମ ପାଇବା ପାଇଁ। ଡାକ୍ତର ତ ଦ୍ୱିତୀୟ ଭଗବାନ କିନ୍ତୁ ଡାକ୍ତରଙ୍କୁ ସାକ୍ଷାତ ପୂର୍ବରୁ ଓ ସାକ୍ଷାତ ପରେ ଏହି ବ୍ୟକ୍ତିତ୍ୱଙ୍କ ସେବା, ସ୍ନେହ, ମମତା, ଭଲପାଇବାର ପରଶମଣି ସେମାନଙ୍କ ଯନ୍ତ୍ରଣାକୁ ସମ୍ପୂର୍ଣ୍ଣ ଲୋପ କରିଦେଇଥାଏ। ଏମାନେ କିନ୍ତୁ ସୁଶାନ୍ତର ଚକ୍ଷୁ ଅବହେଳା ପରି ରୋଗୀକୁ ସ୍ନେହ ଶ୍ରଦ୍ଧା ଦେବାରେ ହେଳା କରି ନ ଥାନ୍ତି। ଅନୁରାଗ ବାବୁ ତାଙ୍କ ଜୀବନରେ ହେଳା ତ' ପ୍ରଶ୍ନ ଉଠୁନି ବରଂ ଯେଉଁ ସେବା ଓ ଉତ୍ସର୍ଗୀକୃତ ମନୋଭାବର ପ୍ରଶଂସା ଓ ସମ୍ମାନ ଆଶୀର୍ବାଦ ଅନେକଙ୍କ ଠାରୁ ପ୍ରାପ୍ତ ହେଉଛନ୍ତି ତାହା ତାଙ୍କ ପାଇଁ ମୂଲ୍ୟବାନ। କୋଟି କୋଟି ମୁମୂର୍ଷୁ ନୂଆ ଜୀବନ ପାଇ ଚକ୍ଷୁ ଦ୍ୱାରା ସମାଜ ଓ ସଂସାରକୁ ଦେଖିବାର ଯେଉଁ ଆଲୋକ ପାଇଥା'ନ୍ତି ତା'ର ନେପଥ୍ୟ ଏହି ମହନୀୟ ଡାକ୍ତର ବାବୁଙ୍କର। ଆସନ୍ତୁ ନିଜ ନିଜ ଜୀବନରେ ହେଳା କରି ଭେଳା ବୁଡ଼ାଇବା ନାହିଁ। କାରଣ ଅନେକ ସମୟରେ ନିଜ ହେଳା ସହ ଅନ୍ୟମାନଙ୍କର ବି ଭେଳା ବୁଡ଼ିଯାଏ। ଏହାକୁ ମନେରଖି ଜୀବନକୁ ଆଗେଇନେବା ଉଚିତ।

# ବୈଦ୍ୟନାଥ ଧାମ ଜ୍ୟୋତିର୍ଲିଙ୍ଗ ଓ ପାର୍ବତୀ ଶକ୍ତିପୀଠ

ଭାରତ ଉପ ମହାଦେଶର ବିଭିନ୍ନ ସ୍ଥାନରେ ଭଗବାନ ଶଙ୍କରଙ୍କ ଦ୍ୱାରା ସ୍ଥାପିତ ଜ୍ୟୋତିର୍ଲିଙ୍ଗ ମାନଙ୍କ ମଧ୍ୟରେ ଝାଡ଼ଖଣ୍ଡ ରାଜ୍ୟର ଦେଓଘର ସ୍ଥିତ ପ୍ରସିଦ୍ଧ ତୀର୍ଥସ୍ଥଳ ବୈଦ୍ୟନାଥ ଅନ୍ୟତମ। ଏଠାରେ ଭଗବାନ ଶଙ୍କରଙ୍କ ଦ୍ୱାରା ନବମ ଜ୍ୟୋତିର୍ଲିଙ୍ଗ ସ୍ଥାପିତ ହୋଇଥିଲା। ଏହି ଜ୍ୟୋତିର୍ଲିଙ୍ଗ ସମସ୍ତ ଜ୍ୟୋତିର୍ଲିଙ୍ଗ ମଧ୍ୟରେ ସର୍ବାଧିକ ମହିମା ମଣ୍ଡିତ ଭାବେ ଖ୍ୟାତ। କିନ୍ତୁ ଏହା ଭାରତର ଏପରି ସ୍ଥଳ ଯେ, ଯେଉଁଠି ଜ୍ୟୋତିର୍ଲିଙ୍ଗ ସହିତ ଏକ ଶକ୍ତିପୀଠ ମଧ୍ୟ ରହିଛି। ପ୍ରତିଦିନ ତ ଏଠାକୁ ହଜାର ହଜାର ଶ୍ରଦ୍ଧାଳୁ ଆସନ୍ତି, ହେଲେ ଭଗବାନ ଶିବଙ୍କ ପ୍ରିୟ ମାସ ଶ୍ରାବଣରେ ତାଙ୍କ ଭକ୍ତ ମାନଙ୍କ ପ୍ରବଳରୁ ପ୍ରବଳ ଭିଡ଼ ଜମେ। ପ୍ରତିଦିନ ଏଠାକୁ ପ୍ରାୟ ଏକ ଲକ୍ଷ ଭକ୍ତ ଆସି ଜ୍ୟୋତିର୍ଲିଙ୍ଗ ଉପରେ ଜଳାଭିଷେକ କରନ୍ତି। ସୋମବାର ଦିନ ଭକ୍ତ ମାନଙ୍କ ସଂଖ୍ୟା ଆହୁରି ବଢିଯାଏ। ପୌରାଣିକ ମାନ୍ୟତା ଅନୁଯାୟୀ ଏହି ଜ୍ୟୋତିର୍ଲିଙ୍ଗ ମହାନ ବିଦ୍ୱାନ ଲଙ୍କାପତି ରାବଣ ଦ୍ୱାରା ଏଠାକୁ ଅଣା ଯାଇଥିଲା। ଶିବ ପୁରାଣ ମୁତାବିକ ଶିବ ଭକ୍ତ ରାବଣ ନିଜ ତପସ୍ୟା ବଳରେ ଶିବଙ୍କ ଠାରୁ ବର ପାଇ ଭଗବାନ ଶିବଙ୍କୁ କୈଳାଶ ପର୍ବତରୁ ନିଜ ସହିତ ଲଙ୍କା ନେଇ ଯିବାର ଇଚ୍ଛାବ୍ୟକ୍ତ କରିଥିଲା।



କିନ୍ତୁ ଭଗବାନ ଶିବ ସ୍ୱଂୟ ଲଙ୍କା ଯିବାକୁ ମନା କରିଦେଲେ, କିନ୍ତୁ ନିଜ ଭକ୍ତ ରାବଣକୁ ଶିବଲିଙ୍ଗ ନେଇ ଯିବାକୁ ପରାମର୍ଶ ଦେଲେ। ଏହା ପରେ ଭଗବାନ ଶିବ ଏହି ଜ୍ୟୋତିର୍ଲିଙ୍ଗଙ୍କୁ ରାସ୍ତାରେ କେଉଁଠି ନ ରଖିବାକୁ ରାବଣକୁ ସଚେତନ କଲେ। ଅନ୍ୟଥା ଏହି ଜ୍ୟୋତିର୍ଲିଙ୍ଗ ସେଇଠି ସ୍ଥାପିତ ହୋଇଯିବ! ଏଣେ ଭଗବାନ ବିଷ୍ଣୁ ଜ୍ୟୋତିର୍ଲିଙ୍ଗ ଲଙ୍କାରେ ପହଂଚିବା ଚାହୁଁନଥିଲେ। ସେଥିପାଇଁ ଭଗବାନ ବିଷ୍ଣୁ ମା'ଗଙ୍ଗାଙ୍କୁ ରାବଣ ପେଟରେ ପ୍ରବେଶ କରିବାକୁ ଅନୁରୋଧ କଲେ। ରାବଣ ପେଟରେ ଗଙ୍ଗାଙ୍କ ପ୍ରବେଶ ପରେ ରାବଣକୁ ପ୍ରବଳ ପରିଶ୍ରା ଲାଗିଲା। ଏହାପରେ ସେ ଭାବିବାକୁ ଲାଗିଲା ଯେ, ଜ୍ୟୋତିର୍ଲିଙ୍ଗ କାହା ହାତରେ ରଖି ପରିଶ୍ରା କରିନେବି!...



ସେହି ସମୟରେ ଭଗବାନ ବିଷ୍ଣୁ ଗୋପାଳ ରୂପରେ ସେଠାରେ ପ୍ରକଟ ହେଲେ। ରାବଣ ସେହି ଗୋପାଳ ହାତରେ ଜ୍ୟୋତିର୍ଲିଙ୍ଗ ଧରାଇ ସେ ପରିଶ୍ରା ସାରି ନ ଆସିବା ପର୍ଯ୍ୟନ୍ତ ଏହି ଜ୍ୟୋତିର୍ଲିଙ୍ଗଙ୍କୁ ଜମି ଉପରେ ନ ରଖିବାକୁ କହିଲା।

ରାବଣ ଯେତେବେଳେ ପରିଶ୍ରା କରିବାକୁ ଆରମ୍ଭ କଲା ତ ଲଗାତାର ପରିଶ୍ରା ହୋଇ ଚାଲିଲା, ବନ୍ଦ ହେଲା ନାହିଁ। ଅନେକ ସମୟ ପର୍ଯ୍ୟନ୍ତ ଯେତେବେଳେ ରାବଣ ଫେରିଲା ନାହିଁ, ସେହି ଗୋପାଳ ଶିବଲିଙ୍ଗଙ୍କୁ ମାଟି ଉପରେ ରଖି କୁଆଡ଼େ ଉଭାନ ହୋଇଗଲା। ଏହାପରେ ରାବଣ ଯେତେବେଳେ ଫେରି ଆସିଲା, ତା'ର ଶତ ଶତ ଚେଷ୍ଟା ସତ୍ତ୍ୱେ ସେଠାରୁ ଶିବଲିଙ୍ଗ ହଲିଲା ନାହିଁ ଓ ତାକୁ ଖାଲି ହାତରେ ଲଙ୍କା ଫେରିବାକୁ ପଡ଼ିଲା। ପରେ ସମସ୍ତ ଦେବୀ ଦେବତା ଏଠାରେ ପହଂଚି ଜ୍ୟୋତିର୍ଲିଙ୍ଗ ସ୍ଥାପିତ କଲେ ଓ ଯଥାବିଧି ପୂଜାର୍ଚ୍ଚନା କଲେ। ବହୁ ଦିନ ପରେ ବୈଜନାଥ ନାମକ ଜଣେ ଗାଈଆଳକୁ ଏହି ଜ୍ୟୋତିର୍ଲିଙ୍ଗର ଦର୍ଶନ ହେଲା ଓ ସେ ପ୍ରତିଦିନ ସେହି ଜ୍ୟୋତିର୍ଲିଙ୍ଗଙ୍କୁ ପୂଜା କରିବାକୁ ଲାଗିଲା। ଏଥିପାଇଁ ଏହି ପବିତ୍ର ମାଟିର ନାମ ବୈଦ୍ୟନାଥ ଧାମ ହୋଇଗଲା। ଏହି କାରଣରୁ ବୈଦ୍ୟନାଥ ଧାମ ସମସ୍ତ ତୀର୍ଥ ମଧ୍ୟରେ ଶ୍ରେଷ୍ଠ ବୋଲି କୁହାଯାଏ। ଏହି ଜ୍ୟୋତିର୍ଲିଙ୍ଗ ସଂପର୍କରେ ବିଭିନ୍ନ ପୁରାଣରେ ବ୍ୟାପକ ଭାବେ ବର୍ଣ୍ଣିତ ହୋଇଛି। କିନ୍ତୁ ଶିବ ପୁରାଣରେ ଏ ସଂପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଛି। ପୁରାଣ କଥା ଅନୁଯାୟୀ ବୈଦ୍ୟନାଥ ଧାମରେ ଜ୍ୟୋତିର୍ଲିଙ୍ଗର ସ୍ଥାପନା ସ୍ୱୟଂ ଭଗବାନ ବିଷ୍ଣୁ କରିଥିଲେ। ଏହି ସ୍ଥାନର ଅନେକ ନାମ ପ୍ରଚଳିତ ଅଛି, ଯେମିତି ହରିତକୀ ବନ, ଚିତାଭୂମି, ରଣଖଣ୍ଡ, ରାବଣେଶ୍ୱର କାନନ, ହୃଦୟ ପୀଠ ଇତ୍ୟାଦି। ବୈଦ୍ୟନାଥ ଧାମକୁ 'ହାର୍ଦପୀଠ' ମଧ୍ୟ କୁହାଯାଏ ଓ ଏହାର ମାନ୍ୟତା ଶକ୍ତିପୀଠ ରୂପରେ ରହିଛି। ବୈଦ୍ୟନାଥ ଧାମ ଏପରି ଏକ ସ୍ଥାନ, ଯେଉଁଠି ଜ୍ୟୋତିର୍ଲିଙ୍ଗ ସହିତ ଶକ୍ତିପୀଠ ବି ରହିଛି। ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ଦକ୍ଷରାଜ ଯଜ୍ଞ କଲାବେଳେ ନିଜ ଝିଅ ବା ଭଗବାନ ଶିବଙ୍କ ପତ୍ନୀ ଦେବୀ ସତୀ ଓ ଶିବଙ୍କୁ ଯଜ୍ଞରେ ଉପସ୍ଥିତ ହେବାକୁ ନିମନ୍ତ୍ରଣ କରି ନଥିବାରୁ ଅତି ଦୁଃଖରେ ସତୀ ଯଜ୍ଞକୁଣ୍ଡରେ




ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସତୀଙ୍କ ମର ଶରୀର ନିଜ ହାତରେ ଧରି ସାରା ବ୍ରହ୍ମାଣ୍ଡରେ ବୁଲି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ଏହାର ସମାଧାନ ପାଇଁ ଦେବୀ ଦେବତା ମାନେ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ଶିବ ଧରିଥିବା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ଭଗବାନ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ। କିଛି ସମୟ ମଧ୍ୟରେ ମା'ସତୀଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇଗଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଂଚି ହୋଇ ପଡ଼ିଲା। ସର୍ବ ଶେଷରେ ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସହ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡ ଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ବ୍ରହ୍ମା, ବିଷ୍ଣୁ ଓ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ। ଭାରତୀୟ ଉପମହାଦେଶରେ ୪ଟି ଆଦିଶକ୍ତି ପୀଠ, ୧୮ଟି ମହାଶକ୍ତି ପୀଠ ଓ ୫୧ଟି ଶକ୍ତିପୀଠ ରହିଛି। ସେଗୁଡ଼ିକ ମଧ୍ୟରେ ଝାଡ଼ଖଣ୍ଡର ବୈଦ୍ୟନାଥ ଧାମରେ ମା'ସତୀଙ୍କର ହୃଦୟ ଖଣ୍ଡ ପଡ଼ିଥିଲା। ଏଥିଯୋଗୁ ଏହି ସ୍ଥାନ 'ହୃଦୟପୀଠ' ବା "ହାର୍ଦ ପୀଠ" ଭାବରେ ପରିଚିତ। ଏହି ଶକ୍ତିପୀଠରେ ମା' ପାର୍ବତୀ ଶକ୍ତି ରୂପରେ ପୂଜା ପାଉଥିବାବେଳେ ସ୍ୱଂୟ ବୈଦ୍ୟନାଥ ଏଠାରେ ଭୈରବ ରୂପରେ ପୂଜା ପାଉଛନ୍ତି।



## ବିଧାୟକମାନେ ନିଜ ଦରମା ବଢ଼ାଇବା ସହ ସାମାଜିକ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କ ଭତ୍ତା ବୃଦ୍ଧିକୁ ମଧ୍ୟ ଗୁରୁତ୍ୱ ଦିଅନ୍ତୁ !

ଭୁବନେଶ୍ୱର (ପିଏନ୍): ବିଧାୟକମାନେ ନିଜ ଦରମା ବଢ଼ାଇବା ଓ ପୂର୍ବତନ ବିଧାୟକମାନଙ୍କର ଭତ୍ତା ବଢ଼ାଇବା ପାଇଁ ଗୃହରେ ଦାବି ଉପସ୍ଥାପନ କରିଛନ୍ତି। ସେମାନଙ୍କ ଯୁକ୍ତି ଅନୁଯାୟୀ ଦୈନନ୍ଦିନ ଜୀବନରେ ବ୍ୟବହୃତ ସମସ୍ତ ସାମଗ୍ରୀର ମୂଲ୍ୟରେ ଯଥେଷ୍ଟ ଅଭିବୃଦ୍ଧି ଘଟିଛି। ଏବେ ସେମାନେ ପାଉଥିବା ଦରମାରେ ନିଜର ଗୁଜୁରାଣ ମେଣ୍ଟାଇବା ସମ୍ଭବପର ହେଉନାହିଁ। ତତ୍‌ସହ ଅନ୍ୟ ରାଜ୍ୟମାନଙ୍କରେ ବିଧାୟକମାନେ ପାଉଥିବା ଦରମା ସମ୍ବନ୍ଧରେ ମଧ୍ୟ ଉଲ୍ଲେଖ କରିଥିଲେ। ଯାହାହେଉ, ବିଳମ୍ବରେ ହେଲେ ମଧ୍ୟ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦରଦାମ ବୃଦ୍ଧି ହୋଇଛି ବୋଲି ଦଳ ମତ ନିର୍ବିଶେଷରେ ସମସ୍ତ ବିଧାୟକ ସ୍ୱୀକାର କରିଛନ୍ତି। ୩୦ ଜଣ ପୂର୍ବତନ ବିଧାୟକ ନିଜ ପେନ୍‌ସନ୍ ବୃଦ୍ଧି ସହ ଚିକିତ୍ସା ଖର୍ଚ୍ଚ ବୃଦ୍ଧି ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ତାହାହେଲେ ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ଗରିବ, ନିମ୍ନ ମଧ୍ୟବିତ୍ତ, ମଧ୍ୟବିତ୍ତ ସହ ଚାଷୀ, ମଜୁରିଆ ଶ୍ରମିକ ତଥା ବେସରକାରୀ ଚାକିରି କରିଥିବା ଲୋକମାନେ କେତେ କଷ୍ଟରେ ନିଜର ଗୁଜୁରାଣ ମେଣ୍ଟାଉଛନ୍ତି ! ସାମାଜିକ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କ କଥା କହିଲେ ନ ସରେ। ମାସକୁ ୫୦୦/୭୦୦ ଟଙ୍କାରେ ସେମାନେ ନିଜର ଗୁଜୁରାଣ କେମିତି ଅବା ମେଣ୍ଟାଇବେ ! ବିଧାୟକଗଣ ଯେଉଁଭଳି ଭାବେ ଅନ୍ୟ ରାଜ୍ୟର ବିଧାୟକମାନେ ପାଉଥିବା ଦରମା ସହ ନିଜର ଦରମା ତୁଳନା କରିଛନ୍ତି, ସେମାନେ ଅନୁରୂପ ଭାବେ ଅନ୍ୟ ରାଜ୍ୟରେ ପାଉଥିବା ସାମାଜିକ ସୁରକ୍ଷା ଭତ୍ତା ସମ୍ବନ୍ଧରେ ମଧ୍ୟ ଅବଗତ ରହି ସେମାନଙ୍କ ଭତ୍ତା ବୃଦ୍ଧି କଥା ଦଳମତ ନିର୍ବିଶେଷରେ ବିଧାନସଭାରେ ଦାବି ଉପସ୍ଥାପନ କରିବା ପାଇଁ ସଂଗ୍ରାମୀ ଯୁବ ଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ମୀର ଅହମ୍ମଦ ଅଲ୍ଲୀ ଅନୁରୋଧ କରିଛନ୍ତି।

## ଜିଲ୍ଲାସ୍ତରୀୟ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ



ଧର୍ମଶାଳା (ପିଏନ୍): ଧର୍ମଶାଳା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଯାଇଛି । ଏହି ଉତ୍ସବରେ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରର ଏଡିଏମଓ ସୁବାଷ ଚନ୍ଦ୍ର ମହାରଣା କହିଲେ ଯେ ମାତୃକ୍ଷୀର ଶିଶୁ ପାଇଁ ଅମୃତତୁଲ୍ୟ । ଭାରତ ବର୍ଷରେ ୬୫ ଭାଗ ମାଆମାନେ ଶିଶୁମାନଙ୍କୁ ପୂର୍ଣ୍ଣ ମାତ୍ରରେ କ୍ଷୀର ଖୁଆଇଥାନ୍ତି । ମାତୃସ୍ତନ୍ୟପାନରେ ସଫଳତା ପାଇଁ ଜନ୍ମ ପରେ ଯଥାଶୀଘ୍ର ମାଆ କ୍ଷୀର ଖୁଆଇବା ଆରମ୍ଭ କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଏହାଦ୍ୱାରା ଶିଶୁର ବିକାଶ ହେବା ସହ ରୋଗ ପ୍ରତିଷେଧକ ଶକ୍ତି ବୃଦ୍ଧି ପାଇଥାଏ । ଯେଉଁ ମାଆମାନେ ସେମାନଙ୍କୁ ଶିଶୁଙ୍କୁ ସ୍ତନ୍ୟପାନରୁ ନିବୃତ ରଖିଥା'ନ୍ତି । ସେହି ଶିଶୁମାନେ ବିଭିନ୍ନ ରୋଗର ଶିକାର ହୋଇଥା'ନ୍ତି ବୋଲି କହିଥିଲେ । ଏହି ଉତ୍ସବରେ ଧର୍ମଶାଳା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୁଧୀର ସାହୁ ଅଧ୍ୟକ୍ଷତା କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡିପିଏଚଓ ରୁକ୍ମିଣୀ ବେହେରା, ପିଏଚଓ ସବିତା ମହାନ୍ତ, ପିପିଏମ, ବିଡିଏମ, ଡିଭିଏଲଏମ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରି ମାତୃସ୍ତନ୍ୟପାନର ଉପକାରିତା ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଗର୍ଭବତୀ ମାଆ ପିଲା ଜନ୍ମର ଏକ ମାସ ପୂର୍ବରୁ କିପରି ନିଜକୁ ପ୍ରସ୍ତୁତ କରିବେ, ସେଥିନେଇ ସୂଚନା ଦିଆଯାଇଥିଲା । ବୈଠକରେ ଯୋଗଦେଇଥିବା ଗର୍ଭବତୀ ମହିଳାମାନଙ୍କ ବିଭିନ୍ନ ପ୍ରଶ୍ନର ଉତର ଦିଆଯାଇଥିଲା । ଶେଷରେ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଅଶୋକ ମିଶ୍ର ଧନ୍ୟବାଦ ଦେଇଥିଲେ ।

## ଜଗତସିଂହପୁର ବନ୍ୟାଂଚଳରେ ରିଲିଫ ଓ ଉଦ୍ଧାରକାର୍ଯ୍ୟ ତ୍ୱରାନ୍ୱିତ



ପାରାଦୀପ (ପିଏନ୍)- ବନ୍ୟା ପୀଡିତ ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବନ୍ୟାଂଚଳରେ ରିଲିଫ ଓ ଉଦ୍ଧାରକାର୍ଯ୍ୟ ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଛି । ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପାଇବା ପରେ ବିଭିନ୍ନ ବ୍ଲକ୍‌ମାନଙ୍କରେ ପହଂଚି ରିଲିଫ ଓ ଉଦ୍ଧାରକାର୍ଯ୍ୟ ପରିଚାଳନା କରୁଛନ୍ତି । ଜଳସମ୍ପଦ ବିଭାଗ, ଜଳଯୋଗାଣ ଓ ପରିମଳ, ଡ୍ରେନେଜ ବିଭାଗ ଅଧିକ୍ଷଣ ଯନ୍ତ୍ରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ, ଏନ.ଡି.ଆର.ଏଫ, ଓଡ୍ରାଫ, ଅଗ୍ନିଶମ ବାହିନୀ ବନ୍ୟାଂଚଳରେ ଉପସ୍ଥିତ ରହି କାର୍ଯ୍ୟ ଜାରି ରଖିଛନ୍ତି । ଜିଲ୍ଲାପାଳ ପାରୁଲ ପଟୱାରୀ କୁଜଙ୍ଗ ବ୍ଲକ୍‌ର କାଠକୋଟ, ଗୋବର୍ଦ୍ଧନପୁର, କୁକୁରଖାଇ ଓ ହଂସୁରା ଅଂଚଳ ପରିଦର୍ଶନ କରି ବନ୍ୟା କ୍ଷତିଗ୍ରସ୍ତ ଲୋକମନାଙ୍କ ସହିତ ଆଲୋଚନା କରିଥିଲେ । ଏତଦ୍‌ସହିତ ଆଶ୍ରୟସ୍ଥଳୀରେ ରନ୍ଧାଖାଦ୍ୟର ମାନ ପରୀକ୍ଷା କରିଥିଲେ । ଲୋକମାନଙ୍କୁ ଶୁଖିଲା ଖାଦ୍ୟ, ରନ୍ଧାଖାଦ୍ୟ, ସାନିଟାରୀ ପ୍ୟାଡ୍, ଔଷଧ, ବିସ୍କୁଟ, ଦୁଗ୍ଧ ଗୁଣ୍ଡ, ଗୋଖାଦ୍ୟ, ପାନୀୟ ଜଳ ଯୋଗାଣ କରାଯାଉଥିବା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।

## ସ୍କାଉଟସ୍ ଏବଂ ଗାଇଡସ୍ ତରଫରୁ ବନ୍ୟାବିପନ୍ନଙ୍କୁ ରିଲିଫ ସହାୟତା



ଭୁବନେଶ୍ୱର (ପିଏନ୍): ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ରାଜ୍ୟ ମୁଖ୍ୟ କମିଶନର ଡଃ କାଳିପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ବନ୍ୟାର କରାଳ ପ୍ରକୋପରେ ବିଭିନ୍ନ ଜିଲ୍ଲାରେ ବନ୍ଧ ଭାଙ୍ଗି ଘରଦ୍ୱାରା ସବୁ ଭାସିଯାଇଛି ଏବଂ ଲୋକମାନେ ନାହିଁ ନଥିବା ହିନସ୍ତା ଭୋଗୁଛନ୍ତି । ସେଥିପାଇଁ ଯୁଗ୍ମ ସମ୍ପାଦକ ଶ୍ରୀଯୁକ୍ତ ମିହିର ରଞ୍ଜନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଏକ ସ୍କାଉଟ ଦଳ ବିଭିନ୍ନ ଜିଲ୍ଲାରେ ସ୍କାଉଟ ମାଷ୍ଟର, ରୋଭରମାନଙ୍କ ସହାୟତାରେ ପ୍ରଭାବିତ ଅଞ୍ଚଳରେ ପହଞ୍ଚି ଅତ୍ୟାବଶ୍ୟକୀୟ ସାମଗ୍ରୀ ଚୁଡ଼ା, ଗୁଡ, ଅମୁଲ, ବିସ୍କୁଟ, ପାଣି, ମହମବତୀ, ଦିଆସିଲି ଓ ଗୋଖାଦ୍ୟ ଆଦି ଲୋକଙ୍କ ପାଖରେ ପହଞ୍ଚାଉଛନ୍ତି । ସ୍କାଉଟ ଗାଇଡ୍‌ମାନଙ୍କର ଏହି କାର୍ଯ୍ୟକୁ ରାଜ୍ୟ ସଭାପତି ଶ୍ରୀଯୁକ୍ତ ଅତନୁ ସବ୍ୟସାଚି ନାୟକ ପ୍ରଶଂସା କରିବା ସହିତ ଏହି ରିଲିଫ କାର୍ଯ୍ୟକୁ ଅଧିକରୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ପରାମର୍ଶ ଦେଇଥିଲେ ।

## ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ ପକ୍ଷରୁ ଜନ୍ମାଷ୍ଟମୀ ଉତ୍ସବ ପାଳିତ

ଯାଜପୁର (ପିଏନ୍): ଯାଜପୁର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ ପକ୍ଷରୁ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ସ୍ଥାନୀୟ ରାୟ ମଣ୍ଡପ ପରିସରରେ ସ୍କୁଲର ସଭାପତି ନଟବର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ସ୍ୱାମୀଜୀ ଭାଷ୍କୁ ବ୍ରହ୍ମାନନ୍ଦ ଯୋଗଦେଇ ଅନୁଷ୍ଠାନର ଛାତ୍ରଛାତ୍ରୀ ଓ ଗୁରୁଜୀ, ଗୁରୁମାଙ୍କୁ ଦିଗଦର୍ଶନ ଦେଇଛନ୍ତି। ସ୍ୱାମୀ ବିବେକାନନ୍ଦଙ୍କ ଜୀବନଚର୍ଯ୍ୟାକୁ ଅନୁସରଣ କରିବାକୁ ମତବ୍ୟକ୍ତ କରିଛନ୍ତି। ଅନ୍ୟତମ ଅତିଥି ମୁଖ୍ୟ ବକ୍ତାଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ଭୂପତିଭୂଷଣ ମିଶ୍ର ଯୋଗଦେଇ ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସହିତ ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନ୍ୟତମ ସମ୍ମାନନୀୟ ଅତିଥି ଭାବେ ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଜିଲ୍ଲା ସଭାପତି ତଥା ସମାଜସେବୀ ହରିହର ସ୍ୱାଇଁ ଯୋଗଦେଇ ଅନୁଷ୍ଠାନର ଉତ୍ତରୋତ୍ତର କାମନା କରିଛନ୍ତି। ଅନ୍ୟତମ ଅତିଥିଭାବେ ଯୁବ ଆଇନଜୀବୀ ପାର୍ଥସାରଥୀ ରାୟ ଅନୁଷ୍ଠାନକୁ ଆଗେଇ ନେବା ପାଇଁ ସମସ୍ତଙ୍କ ଉଦ୍ୟମ ପ୍ରଶଂସନୀୟ ବୋଲି ମତବ୍ୟକ୍ତ କରିଥିଲେ। ସମସ୍ତ ଅତିଥିଙ୍କୁ ଉପଢୌକନ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ କରାଯାଇଅଛି। ଅନୁଷ୍ଠାନର ମୁଖ୍ୟ ସମ୍ପାଦକ ମହେଶ କୁମାର ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଶେଷରେ ନୃତ୍ୟ ନିର୍ଦ୍ଦେଶକ ଓ୍ୱାଜିଦଙ୍କ ଦ୍ୱାରା ପ୍ରଶିକ୍ଷଣ ନେଇଥିବା ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଅନ୍ତର୍ଜାତୀୟ ଶିଶୁ ଚିତ୍ରକଳା ପ୍ରତିଯୋଗିତା



ଭୁବନେଶ୍ୱର (ପିଏନ୍): ଅନ୍ତର୍ଜାତୀୟ ଶିଶୁ ଚିତ୍ରକଳା ପ୍ରତିଯୋଗିତାରେ ଅଖ୍ୟାତ ପଲ୍ଲୀର ଦୁଇ ଆଦିବାସୀ ବିଦ୍ୟାର୍ଥୀ ଗାଁର ଟେକ ରଖିଥିବାର ଜଣାପଡ଼ିଛି। ସୂଚନାଯୋଗ୍ୟ, ଭୁବନେଶ୍ୱର ଉପକଣ୍ଠରେ ଥିବା ଚନ୍ଦକା-ଡ଼ମପଡ଼ା ହସ୍ତୀ ଅଭୟାରଣ୍ୟ ଘେର ମଧ୍ୟରେ ରହିଥିବା ଆଦିବାସୀ ପଲ୍ଲୀ କନ୍ଦଳେଇର ୬ଷ୍ଠ ଶ୍ରେଣୀରେ ଅଧ୍ୟୟନ କରୁଥିବା ଏହି ଦୁଇ ଆଦିବାସୀ ବିଦ୍ୟାର୍ଥୀ ହେଉଛନ୍ତି ବର୍ଷା ମୁଣ୍ଡା ଓ ପିତର ଚାତାର। ଧଉଳି ଘରୁକଳା ମହାବିଦ୍ୟାଳୟ ଦ୍ୱାରା ଆୟୋଜିତ ଏହି ଅନ୍ତର୍ଜାତୀୟ ଶିଶୁ ଚିତ୍ରକଳା ପ୍ରତିଯୋଗିତାରେ ଏହି ଦୁଇ ବିଦ୍ୟାର୍ଥୀ ପ୍ରତିଯୋଗିତାରେ ଉତ୍କୃଷ୍ଟ ଚିତ୍ରକଳା ପ୍ରଦର୍ଶନ କରିଥିବାରୁ ଦୁହିଁଙ୍କୁ ମିଳିଛି ସ୍ୱର୍ଣ୍ଣପଦକ ସହ ମାନପତ୍ର। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାଧ୍ୟମରେ ଦୁଇ ବିଦ୍ୟାର୍ଥୀଙ୍କୁ କଣ୍ଟାବାଡ଼ସ୍ଥିତ ଭଗବତୀ ଆଶ୍ରମ ବିଦ୍ୟାଳୟ ପରିସର ମଧ୍ୟରେ ଛତାବର ଗ୍ରାମ ପଞ୍ଚାୟତର ସରପଞ୍ଚ ବିଷ୍ଣୁପ୍ରସାଦ ଡେଙ୍ଗ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋରଞ୍ଜନ ରାଉତ, ସାମାଜିକ କର୍ମୀ ସୁଶାନ୍ତ ସାହୁ, ତ୍ରିଲୋଚନ ବେଉରା ଏବଂ ପ୍ରିୟବ୍ରତ ପଣ୍ଡା ପ୍ରମୁଖଙ୍କ ଉପସ୍ଥିତିରେ ମାନପତ୍ର ଓ ପଦକ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଅଗମ୍ୟ ଅଞ୍ଚଳରେ ରହୁଥିବା ଶିଶୁମାନଙ୍କ ମଧ୍ୟରେ ରହିଥିବା ସୃଜନଶୀଳତା ଓ ପ୍ରତିଭାର ବିକାଶ ହିଁ ଏହି ପ୍ରତିଯୋଗିତାର ମୂଳ ଲକ୍ଷ୍ୟ ବୋଲି ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଚନ୍ଦନ କୁମାର ସାମଲ କହିଛନ୍ତି। ଆଗାମୀ ଦିନରେ ଅଗମ୍ୟ ଆଦିବାସୀ ଇଲାକା ଗୁଡ଼ିକରେ ଏହି କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ ରୂପେ ପ୍ରଚ୍ଚର ଓ ପ୍ରସାର କରାଯିବାର ଲକ୍ଷ୍ୟ ରହିଛି ବୋଲି କନ୍ଦଳେଇ ଗାଁର ବିକାଶ ନେଇ କାର୍ଯ୍ୟ କରୁଥିବା ସାମାଜିକ କର୍ମୀ ସୁଶାନ୍ତ ସାହୁ ପ୍ରକାଶ କରିଛନ୍ତି।

## ବନ୍ୟାଂଚଳରେ ଶୁଖିଲା ଖାଦ୍ୟ ବଂଟନ

ଖୋର୍ଦ୍ଧା (ପିଏନ)- ଯୋର୍ସ ହୋପ ଫାଉଣ୍ଡେସନ ଟ୍ରଷ୍ଟର ଅଧ୍ୟକ୍ଷା ରୀନାରାଣୀ ନାୟକଙ୍କ ତତ୍ତ୍ୱାବଧାନରେ ବନ୍ୟା ପ୍ରଭାବିତ ଅଂଚଳ ଶରଧାପୁର, ଧବଳପୁର ଓ ବଳପୁରରେ ଶୁଖିଲା ଖାଦ୍ୟ ଚୁଡ଼ା, ଚିନି, ବିସ୍କୁଟ, ଦିଆସିଲି ଓ ମହମବତୀ ବଂଟନ କରାଯାଇଛି। ଏଥିରେ ଅନୁଷ୍ଠାନର ସଦସ୍ୟ ବିଚିତ୍ର ସେନାପତି,ପ୍ରଜ୍ଞା ପାରମିତା, ବିକାଶ ପଟ୍ଟନାୟକ, ଅନୁପମା ନାୟକ ଓ ପ୍ରତିମା ନାୟକ ପ୍ରମୁଖ ସହଯୋଗ କରିଥିଲେ।




# ଅସାମ୍ବିଧାନିକ ଉପାୟରେ ଜିଗ୍ନେସ୍ ମେୱାନିଙ୍କୁ ଗିରଫ କରିବା ନିନ୍ଦନୀୟ

ଭୁବନେଶ୍ୱର (ପିଏନ୍): ଜିଗ୍ନେସ ମେୱାନିଙ୍କୁ ଅସାମ୍ବିଧାନିକ ଉପାୟରେ ଗିରଫର ପ୍ରତିବାଦ ଓ ତୁରନ୍ତ ଖଲାସ ଦାବିରେ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ବାଙ୍କନିଧି ବେହେରାଙ୍କ ନିର୍ଦ୍ଦେଶକ୍ରମେ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ମାନ୍ୟବର ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଅଛି । ଶ୍ରୀଯୁକ୍ତ ଜିଗ୍ନେସ ମେୱାନି ଜଣେ ଦକ୍ଷ, ବିଶିଷ୍ଟ ଦଳିତ ନେତା ଓ ବିଧାୟକ ବାଗାଦାମ ବିଧାନସଭା ନିର୍ବାଚନ ମଣ୍ଡଳି (ଗୁଜରାଟ) ଗତ.୨୧.୦୪.୨୦୨୨ତାରିଖ ମଧ୍ୟରାତ୍ରିରେ ଗୁଜୁରାଟର ପାଲାନପୁର ସର୍କିଟ୍ ହାଉସ୍‌ରୁ ଆସାମ ପୋଲିସ୍ ଗିରଫ କରିଛନ୍ତି ବୋଲି ଆମ୍ଭ ନଜରକୁ ଆସିଛି । ନିକଟରେ ବିଜେପି ନେତା ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଅଭିଯୋଗ କରିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପର୍କରେ ଜିଗ୍ନେସ ମେୱାନି କରିଥିବା ଟ୍ୱିଟ୍ ଏକ ଅବାସ୍ତବ । ଆସାମର କୋକ୍ରୋଟର ଜିଲ୍ଲାର ଏକ ବିଜେପି ନେତା ଅରୁପ କୁମାର ଦେଙ୍କ ଅଭିଯୋଗ କ୍ରମରେ ଦର୍ଶାଇଛନ୍ତି ଯେ ଜିଗ୍ନେସ ମେୱାନିଙ୍କ ଟ୍ୱିଟ୍‌ଟି କିଛି ଗୋଷ୍ଠୀର ଜନସାଧାରଣଙ୍କ ମଧ୍ୟରେ ଉତେଜନା ସୃଷ୍ଟି କରିବ ଓ ସଂହତିରେ ବାଧା ସୃଷ୍ଟି କରିବ । ଜଣେ ବିଜେପି କର୍ମୀଙ୍କ ଅଭିଯୋଗ କ୍ରମେ ଜଣେ ନିର୍ବାଚିତ ଜନପ୍ରତିନିଧିଙ୍କୁ ଏଭଳି ଭାବରେ ଗିରଫ କରାଯିବା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପର୍କରେ ଏକ ଟ୍ୱିଟ୍‌କୁ ନେଇ ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱକର୍ମାଙ୍କର ସରକାର ଏକ ଭୀରୁ ଏବଂ ପ୍ରତିଶୋଧପରାୟଣ, ବିଜେପି ସରକାର ବୋଲି ମନେହୁଏ । କେହିବି ଦଳିତ, ଆଦିବାସୀ ଓ ବଂଚିତ ବର୍ଗ ପାଇଁ ସ୍ୱର ଉଠାଇଲେ ବିଜେପି ସରକାର ତାଙ୍କର ପ୍ରତିଶୋଧପରାୟଣ ରୂପ ଦେଖାଇଥାନ୍ତି । ନିକଟରେ ଗୁଜରାଟ ପ୍ରଦେଶର ବିଧାନ ସଭା ନିର୍ବାଚନ ପାଖେଇ ଆସୁଥିବାରୁ କେନ୍ଦ୍ର ବିଜେପି ସରକାର, ଗ୍ୟାସ୍, ପେଟ୍ରୋଲ୍, ଡିଜେଲ୍, ସି.ଏନ୍.ଜି. ଓ ଅତ୍ୟାବଶକୀୟ ଦ୍ରବ୍ୟର ଅହେତୁକ ମୂଲ୍ୟ ବୃଦ୍ଧି ଉପରୁ ଜନସାଧାରଣଙ୍କ ନଜର ହଟାଇବା ଓ କୋଭିଡ୍ ମୃତ୍ୟୁକୁ ନିୟନ୍ତ୍ରଣ କରିବାରେ ଗୁଜରାଟ ସରକାର ବିଫଳ ଇତ୍ୟାଦିରୁ ନିଜର ବଦନାମକୁ ଲୁଚାଇବା ପାଇଁ କ୍ଷମତାର ଅପବ୍ୟବହାର କରି ଏ ସବୁ ହୀନ ଚକ୍ରାନ୍ତ କରୁଛନ୍ତି । ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଜିଗ୍ନେସଙ୍କୁ ଅସାମ୍ବିଧାନିକ ଉପାୟରେ ଗିରଫ କରାଯାଇଥିବାରୁ ଏ ଘଟଣାର ତିବ୍ର ନିନ୍ଦା କରାଯିବା ସହିତ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହ, ଓ ଆସାମ ମୁଖ୍ୟମନ୍ତ୍ରୀ ହେମ' ବିଶ୍ୱଶର୍ମା, ଜିଗ୍ନେସଙ୍କୁ ଲିଖିତ ଆକାରେ କ୍ଷମା ମାଗିବା ସହିତ ତାଙ୍କୁ ଖଲାସ କରି, ତାଙ୍କର ଗୁଜରାଟ ପ୍ରଦେଶର ଗୃହକୁ ପଠାଇବାର ସୁବନ୍ଦୋବସ୍ତ କରିବା ପାଇଁ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଦାବ କରାଯାଇଅଛି । ଅଖିଳ ଭାରତୀୟ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗର ଓ ରାଜ୍ୟ ଅଧ୍ୟକ୍ଷ ଶ୍ରୀ ବାଙ୍କନିଧି ବେହେରାଙ୍କ ନିର୍ଦ୍ଦେଶକ୍ରମେ ଏହି ପ୍ରତିନିଧି ମଣ୍ଡଳୀରେ କଂଗ୍ରେସ ଅନୁସୂଚିତ ଜାତି ବିଭାଗର କର୍ମକର୍ତା ସନ୍ତୋଷ କୁମ୍ଭାର, ମାନସ ମଲ୍ଲିକ,ଜାନକି ମଲ୍ଲିକ, ତାପସ ସେଠି ଓ ଜୟନ୍ତ କୁମାର ଭୋଇ ପ୍ରମୁଖ ମାନ୍ୟବର ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ ।

# ଉଜ୍ଜ୍ୱଳ ତାରକାର ଦୁଃଖଦ ଅବସାନ

ଭୁବନେଶ୍ୱର (ପିଏନ୍): ବିଶିଷ୍ଟ ଯୁବ ବୈଜ୍ଞାନିକ ତଥା ଗବେଷକ ଡାକ୍ତର ସୁଜିତ କୁମାର ମହାନ୍ତି ଦୀର୍ଘଦିନ ଧରି ଫୁସ୍‌ଫୁସ୍ ଜନିତ କ୍ୟାନସର୍ ରୋଗରେ ଆକ୍ରାନ୍ତ ହୋଇ ଗତ ଅପ୍ରେଲ ୮ ତାରିଖ ରାତିରେ ଏକ ଘରୋଇ ହସ୍ପିଟାଲ୍‌ରେ ଇହଲୀଳା ସମ୍ବରଣ କରିଛନ୍ତି । ଡକ୍ଟର ସୁଜିତ ମହାନ୍ତି ହେଉଛନ୍ତି ବିଶିଷ୍ଟ ଆଇନଜୀବୀ ତଥା ସମାଜସେବୀ ସୁଧୀର ମହାନ୍ତିଙ୍କ ଦ୍ୱିତୀୟ ପୁତ୍ର । ସୁଜିତ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ କୃତିତ୍ୱର ସହ ବାୟୋ-ଟେକ୍ନୋଲୋଜିରେ ପାସ୍ କରିବା ପରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କେମିକାଲ୍ ଟେକ୍ନୋଲୋଜି, ହାଇଦ୍ରାବାଦରେ ଅଧ୍ୟୟନ କରି ସେଠାରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ପାସ୍ କରିଥିଲେ । ତା'ପରେ ସେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍‌ସ, ବାଙ୍ଗାଲୋରରେ ପଢୁଥିବା ସମୟରେ ବିଭିନ୍ନ ବୈଜ୍ଞାନିକମାନଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସମ୍ପୂର୍ଣ୍ଣ ଛାତ୍ରବୃତ୍ତି ପାଇ ଉଚ୍ଚଶିକ୍ଷା ହାସଲ କରିବାକୁ ଆମେରିକା ଯାଇଥିଲେ । ସେଠାରେ ଆଇ.ଓ.ଡବ୍ଲ୍ୟୁ.ଏ. ୟୁନିଭରସିଟିରେ ବାୟୋକେମିକାଲ୍ ଇଞ୍ଜିନିୟରିଂରେ ପାସ୍ କରିବା ସଙ୍ଗେସଙ୍ଗେ ପି.ଏଚ୍‌ଡି. ହାସଲ କରିଥିଲେ । ଏହାପରେ ଏକ ବେସରକାରୀ କମ୍ପାନୀରେ କାମ କରି ଗବେଷଣା କରିଥିଲେ । ତାପରେ ପୋଷ୍ଟ ଡକ୍ଟରେଟ୍ କରିବା ସମୟରେ ଆମେରିକାର ବିଶିଷ୍ଟ ଓଡ଼ିଆ ଶିଳ୍ପପତି ଡାକ୍ତର ଶୀତିକଣ୍ଠ ଦାସଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ନିଜ ରାଜ୍ୟରେ ଶିଳ୍ପର ବିକାଶ ପାଇଁ କାର୍ଯ୍ୟ କରିବା ପାଇଁ ୨୦୧୯ ମସିହାରେ ଓଡ଼ିଶା ଫେରି ଆସିଥିଲେ । ଭୁବନେଶ୍ୱରରେ ସ୍ୱାଲୋକମ ବାଇଅଭେଞ୍ଚର୍ କମ୍ପାନୀ ଗଠନ କରି କାର୍ଯ୍ୟ ଆରମ୍ଭ କରିବା ସମୟରେ ଦୁଇଥର କୋରୋନାରେ ଆକ୍ରାନ୍ତ ହୋଇଥିଲେ । ଆରୋଗ୍ୟ ଲାଭ କରିଥିଲେ ମଧ୍ୟ ପରବର୍ତ୍ତୀ ପର୍ଯ୍ୟାୟରେ କ୍ୟାନ୍‌ସର୍‌ରେ ଆକ୍ରାନ୍ତ ହୋଇଥିଲେ । ଟାଟା ମେମୋରିଆଲ୍ ହସ୍ପିଟାଲ୍‌ରେ ଚିକିତ୍ସିତ ହୋଇଥିଲେ ମଧ୍ୟ ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ ବିଶେଷ ଅଗ୍ରଗତି ପରିଲକ୍ଷିତ ହୋଇ ନଥିଲା । ଭୁବନେଶ୍ୱରରେ ସମ୍ ହସ୍ପିଟାଲ୍‌ରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଥିଲା । ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ମାତା ରଞ୍ଜିତା ମହାନ୍ତି, ବଡ଼ଭାଇ ଡାକ୍ତର ସୁବ୍ରତ ମହାନ୍ତି, ଭାଉଜ ଲଭଲିନ୍ ମହାନ୍ତି, ସାନଭାଇ ଡକ୍ଟର ସନ୍ଦୀପ ମହାନ୍ତି, ଭାଇବୋହୂ ଡଃ ପ୍ରିୟଙ୍କା ମହାନ୍ତି ଉପସ୍ଥିତ ଥିଲେ ।

## ଲେଖକ ସମବାୟ ସମିତିର ରାଜ୍ୟସ୍ତରୀୟ କବିତା ପାଠ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ଲେଖକ ସମବାୟ ସମିତିର ଦଶମ ବାର୍ଷିକ ସାରସ୍ୱତ ସମାରୋହ ଅବସରରେ ଏକ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହର ପ୍ରଥର ପର୍ଯ୍ୟାୟରେ ଅନୁଷ୍ଠିତ ଆସରକୁ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ପାଲାକାର ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ମ□ାସୀନ ଅତିଥି ମାନଙ୍କ ମଧ୍ୟରେ ଅନ୍ୱେସା ସାହିତ୍ୟ ସଂସଦର ସଭାପତି ସୁରେନ୍ଦ୍ର କୁମାର ବେହେରା, କୁଶଳେଶ୍ୱର ସାହିତ୍ୟ ସଂସଦର ଉପସଭାପତି ମଙ୍ଗୁଳି ଚରଣ ପୃଷ୍ଟି, ସମ୍ବାଦ ସାହିତ୍ୟ ଘର ହାଟଡିହୀର ସଭାପତି ଅନ୍ତର୍ଯ୍ୟାମୀ ରାଉତ ଏବଂ ବଉଳା ସାହିତ୍ୟ ସଂସଦର କର୍ମକର୍ତ୍ତା ଅଧ୍ୟାପକ ସୁବାସ ପାତ୍ର, ଶ୍ରୀକାନ୍ତ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସାହିତ୍ୟରେ କବିତାର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ରତ୍ନାକର ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି ଭବ୍ୟ କବିତା ପାଠରେ ଯାଜପୁର, ଭଦ୍ରକ, କଟକ, ବାଲେଶ୍ୱର ଓ ମୟୁରଭଂଜ ଅଂଚଳର କବିମାନେ ସେମାନଙ୍କର ସ୍ୱରଚିତ କବିତା ଆବୃତି କରିଥିଲେ । ଆନନ୍ଦପୁର ଅଂଚଳର କବିମାନଙ୍କ ମଧ୍ୟରେ ଧୂମକେତୁ ଦାସ, ଅର୍ଜୁନ ବେହେରା, ମୁରଲୀଧର ବେହେରା, ଉମାକାନ୍ତ ଜେନା, ନରହରି ରାଉତ, ବନମାଳୀ ଜେନା, ଅଭୟ ସାମଲ, ବାମନ ବେହେରା, ସୁଦାମ ଚରଣ ଜେନା, ସୁରେନ୍ଦ୍ର କୁମାର ପରିଡା, ଦଶରଥ ସାହୁ, ରାମଚନ୍ଦ୍ର ଜେନା, ନିରନ ସାହୁ, ଗୋବର୍ଦ୍ଧନ ନାୟକ, ବୈଲୋଚନ ସାହୁ, ଜ୍ୟୋସ୍ନା ଦାସ, ମାଳତୀ ପଣ୍ଡା, କୀର୍ତ୍ତନ ସାହୁ, ରଘୁନାଥ ପଣ୍ଡିତ ପ୍ରମୁଖ କବିମାନେ କବିତା ଆବୃତ୍ତି କରିଥିଲେ । ପ୍ରଥମରେ ଛାତ୍ରୀ ସୁଦେସ୍ନା ସାହୁ ଆବାହନୀ ସଙ୍ଗୀତ ଗାନ କରିଥିଲେ ଓ ଅନୀଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଉରକେଲା ସ୍ୱରେଜ୍ ପ୍ରକଳ୍ପରେ ଦୁର୍ନୀତି ଓ ଅନିୟମିତତା ନେଇ ଏଡିଏମ୍‌ଙ୍କୁ ସାକ୍ଷାତ କଲା ଜିଲ୍ଲା କଂଗ୍ରେସ

ରାଉରକେଲା (ପିଏନ୍): ରାଉରକେଲା ସ୍ୱରେଜ୍ ପ୍ଲାଣ୍ଟ ପ୍ରକଳ୍ପରେ ହୋଇଥିବା ବ୍ୟାପକ ଦୁର୍ନୀତି, ଅନିୟମିତତା ତଥା ବୋର୍ଡ କର୍ତ୍ତୃପକ୍ଷଙ୍କ ତରଫରୁ ଠିକା ସଂସ୍ଥା ଏଲ୍‌ଆଣ୍ଡଟି କମ୍ପାନୀ ବେଆଇନ୍ ଭାବେ ଯୋଗାଇ ଦିଆଯାଉଥିବା ସୁବିଧା ସମ୍ପର୍କରେ ଜିଲ୍ଲା କଂଗ୍ରେସ ତରଫରୁ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମର କମିଶନର ଡ.ଶୁଭଙ୍କର ମହାପାତ୍ରଙ୍କୁ ସାକ୍ଷାତ କରି ସମସ୍ତ ବିଷୟ ଅବଗତ କରାଯାଇଛି । ପ୍ରାୟ ୩୪୮ କୋଟି ଟଙ୍କା ବ୍ୟୟ ମୁରୀରେ ଗତ ୨୦୧୭ ମସିହାରେ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯାଇ ୨୦୨୦ ଜାନୁୟାରୀ ସୁଦ୍ଧା କାର୍ଯ୍ୟ ସାରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲେ ହେଁ ଅଦ୍ୟାବଧି ତାହା ସମ୍ପୂର୍ଣ୍ଣ ହୋଇ ନାହିଁ । ଯେଉଁ କାର୍ଯ୍ୟ ହାତକୁ ନିଆଯାଇଛି ସେଥିରୁ ବର୍ତ୍ତମାନ ସୁଦ୍ଧା ୨୦ ପ୍ରତିଶତ ବାକି ଥିବାବେଳେ ଯେଉଁ କାମ କରାଯାଇଛି ତାହା ଅତ୍ୟ' ନିମ୍ନମାନର ହୋଇଥିବାରୁ ତାହା ସହରବାସୀଙ୍କ ପାଇଁ ସର୍ବଦା ସମସ୍ୟା ସୃଷ୍ଟି କରୁଛି ବୋଲି କଂଗ୍ରେସ ନେତୃବୃନ୍ଦ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦତ୍ତ ଏକ ସ୍ମାରକପତ୍ରରେ କୁହାଯାଇଛି ଯେ, ମୁଖ୍ୟମାର୍ଗର ତାରିଣୀ ମନ୍ଦର ଠାରୁ ରଘୁନାଥପାଲ୍ଲୀ ଥାନା ପର୍ଯ୍ୟ' ଓ ଏସ୍‌ଟିଆଇ ଓଭରବ୍ରିଜ ଠାରୁ ବିରଜାପାଲ୍ଲୀ ଓଭର ବ୍ରିଜ୍ ପର୍ଯ୍ୟ' ସ୍ୱରେଜ୍ ପାଇପ୍ ବିଛାଯାଇ ନାହିଁ । ସେହିପରି ଛେଣ୍ଡ ଭିଏସ୍‌ଏସ୍ ମାର୍କେଟ ଛକଠାରୁ ବିଏସ୍‌ଏନ୍‌ଏଲ ଛକ ପର୍ଯ୍ୟ' ଉଭୟ ପାର୍ଶ୍ୱରେ ମଧ୍ୟ ପାଇପ୍ ବିଛାଯାଇ ନାହିଁ । ମୂଳ ଡ୍ରେନ୍‌ରେ ପାଇପ୍ ବିଛାଇବା ବ୍ୟବସ୍ଥା ଥିଲେ ହେଁ କାହିଁକି ଏଠାରେ ପାଇପ୍ ବିଛାଯାଇ ନାହିଁ ଓ ଏ ବାବଦ ଅର୍ଥ କୁଆଡେ ଗଲା ତାହା ଅନୁଧ୍ୟାନ କରିବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ସେହିପରି ଯେଉଁ ପାଇପ୍ ବିଛା କାର୍ଯ୍ୟ କରାଯାଇଛି ଏଥିରେ ଆବଶ୍ୟକୀୟ ଗ୍ରାନାଇଟ୍ ପଥର ଚିପ୍‌ସ ଓ ଆବଶ୍ୟକୀୟ ବାଲି ଭର୍ତ୍ତି କରାଯାଇନଥିବାରୁ ବିଭିନ୍ନ ସ୍ଥାନରେ ରାସ୍ତା ଦବିଯାଉଥିବା ଦେଖାଯାଉଛି । ଯାହାର ଉଦାହରଣ ହେଉଛି ଜୋଲ୍ ରୋଡ୍, ଛେଣ୍ଡ ମୁଖ୍ୟମାର୍ଗ, ଆଇଟିଆଇ କଳିଙ୍ଗ ବିହାର ରାସ୍ତା, ବାସ'ୀ ପାଣି ଟାଙ୍କି ରାସ୍ତା ଇତ୍ୟାଦି । ଅତ୍ୟ' ନିମ୍ନମାନର କାର୍ଯ୍ୟ କରାଯାଇ ପାଇପ୍ ଲାଇନର ମେନ୍ ହୋଲ ନିର୍ମାଣ କରାଯାଇଥିବାରୁ ସେଗୁଡିକ କେଉଁଠି ରାସ୍ତା ଉପରେ ତ ଆଉ କେଉଁଠି ରାସ୍ତା ତଳେ ରହିଛି । ଫଳରେ ପ୍ରତିଦିନ ଛୋଟବଡ ଦୁର୍ଘଟଣାର କାରଣ ସାଜୁଛି । ପାଇପ୍ ବିଛା କାର୍ଯ୍ୟ ପରେ ରାସ୍ତା ନିର୍ମାଣ କରି ୫ ବର୍ଷ ପାଇଁ ମରାମତି ଓ ରକ୍ଷଣାବେକ୍ଷଣର ଦାୟିତ୍ୱ ଠିକା ସଂସ୍ଥା ଏଲ୍‌ଆଣ୍ଡଟି କମ୍ପାନୀର ହୋଇଥିବା ବେଳେ ସମ୍ପ୍ରତି ଦବିଯାଉଥିବା ଓ ଭୁଷୁଡି ପଡୁଥିବା ରାସ୍ତାଗୁଡିକୁ କାହିଁକି ଆର୍‌ଏମ୍‌ସି ନିର୍ମାଣ କରୁଛି ବୋଲି ଦଳ ତରଫରୁ ପ୍ରଶ୍ନ କରାଯାଇ ଏହାର ଅନଧ୍ୟାନ କରିବାକୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଛି । ଛେଣ୍ଡ ବାଗୁଡି ବସ୍ତି ଓ ବ୍ୟାଙ୍କ କଲୋନୀରେ ସ୍ୱରେଜ୍ ପାଇପ୍ ବିଛାଇବା ପାଇଁ ମୂଳ ଡ୍ରେନ୍‌ରେ ବ୍ୟବସ୍ଥା ନଥିବା ବେଳେ ଏ ଅ□ଳରେ ପ୍ରାୟ ୩୦ ଲକ୍ଷ ଟଙ୍କାର ପାଇପ୍ ବିଛାଯାଇ ପରିତ୍ୟକ୍ତ ଅବସ୍ଥାରେ ଛାଡି ଦିଆଯାଇଛି । ଏହି ପାଇପ୍ ଲାଇନ୍‌କୁ କୌଣସି ମୁଖ୍ୟ ପାଇପ୍ ଲାଇନ୍ ସହିତ ସଂଯୋଗ କରାଯାଇନଥିବାରୁ ଏହି ପାଇପ୍ ବିଛା କାର୍ଯ୍ୟ ନଷ୍ଟ ହେବା ସହିତ ଏ ବାବଦରେ ବୋର୍ଡର ବିପୁଳ ଅର୍ଥ ନଷ୍ଟ ହେବାକୁ ଯାଉଥିବା ଏହାର ଆବଶ୍ୟକୀୟ ଅନୁଧ୍ୟାନ ପାଇଁ ଅନୁରୋଧ କରାଯାଇଛି । ଅପରପକ୍ଷରେ ଉକ୍ତ ଅ□ଳରେ ପାଇପ୍ ବିଛା ବାବଦକୁ ଗୁଡାଏ ମିଥ୍ୟା ବିଲ୍ ପ୍ରସ୍ତୁତ କରାଯାଇ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ୍ କରାଯାଇଥିବା କଂଗ୍ରେସ ତରଫରୁ ଅଭିଯୋଗ କରାଯାଇଛି । ପ୍ରତ୍ୟେକ ବାସଗୃହକୁ ସ୍ୱରେଜ୍ ସଯୋଗୀକରଣ ପାଇଁ ସରକାର କିଛି ନିର୍ଦ୍ଦେଶନାମା ଜାରି କରିନଥିବା ବେଳେ ସ୍ଥାନୀୟ ସ୍ୱରେଜ୍ ବୋର୍ଡ କର୍ତ୍ତୃପକ୍ଷ ତାଙ୍କର କିଛି ପୋଷା ଠିକାଦାର ମାଧ୍ୟମରେ ବେଆଇନ୍ ଭାବେ ସ୍ୱରେଜ୍ ସଂଯୋଗୀକରଣ ପାଇଁ ଘର ପିଛା ୨୫ରୁ ୪୦ ହଜାର ଟଙ୍କା ଆଦାୟ କରୁଛନ୍ତି । ତେଣୁ ଏହା ମଧ୍ୟ ଅନୁଧ୍ୟାନ ସାପେକ୍ଷ ବୋଲି କଂଗ୍ରେସ ତରଫରୁ କୁହାଯାଇଛି । ସେହିପରି ବୋର୍ଡ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ମିତ ସ୍ୱରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପରିସରରେ ଏଲ୍‌ଆଣ୍ଡଟି କମ୍ପାନୀ ୨ ବର୍ଷ ହେଲା ନିଜ କାର୍ଯ୍ୟାଳୟ ଚଲାଉଥିବା ବେଳେ ୨ଟି କୋଠାକୁ ତାର କର୍ମଚାରୀଙ୍କ ପାଇଁ ଅତିଥି ଭବନ ଭାବେ ବ୍ୟବହାର କରୁଛ । ଏହାର ଭଡା ବାବଦକୁ ଟଙ୍କାଟିଏ ଏଲ୍‌ଆଣ୍ଡଟି କମ୍ପାନୀର ବିଲ୍‌ରୁ କଟାଯାଉନଥିବା ବେଳେ କୋଠାରେ ପାଣି ଓ ବିଜୁଳି ବିଲ୍ ବାବଦକୁ ମାସିକ ଲକ୍ଷାଧିକ ଟଙ୍କା ବୋର୍ଡ କର୍ତ୍ତୃପକ୍ଷ ଭରଣା କରୁଛନ୍ତି । ସ୍ୱରେଜ୍ ବୋର୍ଡ କର୍ତ୍ତୃପକ୍ଷ ଏଲ୍‌ଆଣ୍ଡଟି କମ୍ପାନୀ ପ୍ରତି କାହିଁକି ଏପରି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରି ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନୀ କରୁଛନ୍ତି ତାହା ତଦ' ସାପେକ୍ଷ ବୋଲି ସ୍ମାରକପତ୍ରରେ କୁହାଯାଇଛି । ତେବେ ସ୍ୱରେଜ୍ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ତଦାରଖ ପାଇଁ ରାଜ୍ୟ ସରକାର ସିଙ୍ଗାପୁରର ମେନ୍‌ହରଡାଟ୍ ପ୍ରାଇଭେଟ୍ କମ୍ପାନୀକୁ ୩୪ କୋଟି ଟଙ୍କାରେ ଚୁକ୍ତିବଦ୍ଧ କରିଥିବା ବେଳେ ଉକ୍ତ ସଂସ୍ଥା କ'ଣ ତଦାରଖ କରି କି ରିପୋର୍ଟ ଦେଇଛି ଓ କେତେ ଅର୍ଥ ସେ ବାବଦରେ ସରକାରଙ୍କ ଠାରୁ ନେଇଛି ତାହା ତଦ' ସାପେକ୍ଷ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ସମ୍ପ୍ରତି କାର୍ଯ୍ୟ ଅଧପ'ରିଆ ଅବସ୍ଥାରେ ଥିବାବେଳେ ସ୍ୱରେଜ୍ ବୋର୍ଡ କର୍ତ୍ତୃପକ୍ଷ ଏଲ୍‌ଆଣ୍ଡଟି କମ୍ପାନୀକୁ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ପ୍ରମାଣପତ୍ର ଦେବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି । ତେଣୁ ଏହି ଘଟଣାରେ ଅତିରିକ୍ତ ଜିଲ୍ଲାପାଳ ହସ୍ତକ୍ଷେପ କରି ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବା ପର୍ଯ୍ୟ' ପ୍ରକଳ୍ପର ହସ୍ତା'ର ପ୍ରକ୍ରିୟା ବନ୍ଦ ରଖିବାକୁ ସ୍ମାରକପତ୍ରରେ କଂଗ୍ରେସ ତରଫରୁ ଉଲ୍ଲେଖ କରାଯାଇଛି । ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ତଥା ରାଉରକେଲାର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ବରିଷ୍ଠ ଉପସଭାପତି ଦେବବ୍ରତ ବିହାରୀ, ଅନ୍ୟତମ ଉପସଭାପତି ସ'ୋଷ ବିଶ୍ୱାଳ ଓ କୀର୍ତ୍ତନ ଦାସ, ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ, ପୂର୍ବତନ ପିସିସି ସମ୍ପାଦକ ଗଣେଶ ପ୍ରଧାନ, ଲିଗାଲ ସେଲ୍ ଅଧ୍ୟକ୍ଷ ବିସ୍ମୟ ଦାସ, ଅସଙ୍ଗଠିତ ଶ୍ରମିକ କଂଗ୍ରେସ ଅଧ୍ୟକ୍ଷ ନିହାର ଦାସ, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂ, ମୁଖପାତ୍ର କୈଳାସ ସାହୁ, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, ପୂର୍ବତନ ବ୍ଲକ୍ ସଭାପତି ବିନୋଦ ବିହାରୀ ପଟ୍ଟନାୟକ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ତୁଳସୀ ନାଗ, କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର, ଦିଲ୍ଲୀପ ଜେନା, ସେବାଦଳର ବୁଲୁ ଦାସ, ନରେନ୍ଦ୍ର ବର୍ମା ପ୍ରମୁଖ ଉପସ୍ଥିତ ରହି ସ୍ମାରକପତ୍ର ପ୍ରଦାନ ସହିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

## ଓଡ଼ିଶାରେ ଯୁବ କଂଗ୍ରେସ ପକ୍ଷରୁ ୟଙ୍ଗ୍ ଇଣ୍ଡିଆ କେ ବୋଲ୍ ସିଜିନ-୨ ଶୁଭାରମ୍ଭ

ଭୁବନେଶ୍ୱର (ପିଏନ୍): ଯୁବ କଂଗ୍ରେସ ପକ୍ଷରୁ ରାଷ୍ଟ୍ରୀୟ ଓ ରାଜ୍ୟସ୍ତରୀୟ ଯୁବ ପ୍ରବକ୍ତା ସଂଗ୍ରହ ନିମନ୍ତେ ଭୁବନେଶ୍ୱରରେ 'ୟଙ୍ଗ ଇଣ୍ଡିଆ କେ ବୋଲ ସିଜିନ-୨' ଅଭିଯାନ ଶୁଭାରମ୍ଭ ହୋଇଛି । କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତି ରଂଜନ ଲେଙ୍କା, ୟଙ୍ଗ ଇଣ୍ଡିଆ କେ ବୋଲ ସିଜିନ-୨ର ଓଡ଼ିଶା ପ୍ରଭାରୀ ନମ୍ରତା ସୋନୀ, ଯୁବ କଂଗ୍ରେସ ରାଷ୍ଟ୍ରୀୟ ପ୍ରବକ୍ତା ତଥା ଓଡ଼ିଶା ସହ ପ୍ରଭାରୀ ଜାବେଦ ଖାନଙ୍କ ସମେତ ଯୁବ କଂଗ୍ରେସର ଅନ୍ୟ ପ୍ରଦେଶ ପଦାଧିକାରୀମାନେ ଉପସ୍ଥିତ ରହି ଅଭିଯାନର ଶୁଭାରମ୍ଭ କରିଥିଲେ ।

ଏହି ଅବସରରେ ପ୍ରଭାରୀ ନମ୍ରତା ସୋନୀ କହିଲେ ଯେ ୟଙ୍ଗ ଇଣ୍ଡିଆ କେ ବୋଲ ହେଉଛି ଏଭଳି ଏକ କାର୍ଯ୍ୟକ୍ରମ, ଯାହା ମାଧ୍ୟମରେ ଯୁବବର୍ଗ ନିଜ ଅଂଚଳଠାରୁ ଆରମ୍ଭ କରି ଜାତୀୟସ୍ତରୀୟ ବିଭିନ୍ନ ପ୍ରସଙ୍ଗ ଉପରେ ନିଜର ଦୃଢ଼ ମତ ଉପସ୍ଥାପନ କରିବାର ସୁଯୋଗ ପାଇପାରିବେ । ଏହି ପ୍ରକ୍ରିୟା ପାଇଁ ଏକ ଗୁଗୁଲ ଫର୍ମ ଜାରି କରାଯାଇଛି, ଯାହାକି ମେ ୩୧ ସୁଦ୍ଧା ପୂରଣ କରାଯାଇପାରିବ । ଦ୍ୱିତୀୟ ପର୍ଯ୍ୟାୟରେ ଏହି ଅଂଶଗ୍ରହଣକାରୀମାନଙ୍କୁ ନେଇ ଜିଲ୍ଲାସ୍ତରରେ ବିଭିନ୍ନ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯିବ । ଏଥିରେ କୃତୀ ପ୍ରତିଯୋଗୀ ପରେ ରାଜ୍ୟସ୍ତରୀୟ ଏବଂ ବିଭିନ୍ନ ରାଜ୍ୟରୁ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ, ଯାହାକି ଆସନ୍ତା ଅକ୍ଟୋବର ମାସରେ ଅନୁଷ୍ଠିତ ହେବ ।

ସହ ପ୍ରଭାରୀ ଜାବେଦ ଖାନ ସୂଚନା ଦେଇ କହିଲେ ଯେ ସାରା ଦେଶରେ ଯୁବ ପ୍ରତିଭା ଓ ସାହସୀ ଯୁବବର୍ଗଙ୍କୁ ଖୋଜି ବାହାର କରିବା ନିମନ୍ତେ ରାହୁଲ ଗାନ୍ଧିଙ୍କ ଅଭିନବ ପରିକଳ୍ପନା ସ୍ୱରୂପ ୟଙ୍ଗ ଇଣ୍ଡିଆ କେ ବୋଲ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି । ୨୦୨୧ରେ ଭାରତୀୟ ଯୁବ କଂଗ୍ରେସ ପକ୍ଷରୁ ୟଙ୍ଗ ଇଣ୍ଡିଆ କେ ବୋଲ କାର୍ଯ୍ୟକ୍ରମ ମାଧ୍ୟମରେ ୨୭ଜଣ ରାଷ୍ଟ୍ରୀୟ ପ୍ରବକ୍ତା ଓ ୨୫୦ରୁ ଊର୍ଦ୍ଧ୍ୱ ପ୍ରଦେଶସ୍ତରୀୟ ପ୍ରବକ୍ତାଙ୍କୁ ଚୟନ କରାଯାଇଥିଲା । ରାହୁଲ ଗାନ୍ଧିଙ୍କ ଏହି ପରିକଳ୍ପନାକୁ ପୁଣି ଥରେ ସାକାର କରିବା ନିମନ୍ତେ ଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ପ୍ରଭାରୀ କ୍ରିଷ୍ଣା ଆଲାବାରୁଙ୍କ ମାର୍ଗ ଦର୍ଶନ ତଥା ଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ବି.ଭି ଶ୍ରୀନିବାସଙ୍କ ନେତୃତ୍ୱରେ ଦେଶବ୍ୟାପୀ ୟଙ୍ଗ ଇଣ୍ଡିଆ କେ ବୋଲ ସିଜିନ-୨ ଆରମ୍ଭ ହୋଇଛି । ଗତ ୨୬ ମାର୍ଚ୍ଚରୁ ଯୁବ କଂଗ୍ରେସ ରାଷ୍ଟ୍ରୀୟ କାର୍ଯ୍ୟାଳୟଠାରେ ଉଦ୍‌ଘାଟିତ ହୋଇଥିବା ଏହି ଅଭିଯାନ ବିଭିନ୍ନ ରାଜ୍ୟରେ କରାଯାଉଛି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସମ୍ପାଦକ ଜ୍ଞାନ ରନ ରାଉତ, ବୀରେନ କୁମାର ଦଳେଇ, ଆଶୁତୋଷ ଲେଙ୍କା, ଶ୍ରୀବସ୍ତ ରଥ, ମନିଷା ଦାଶ ପଟ୍ଟନାୟକ, ରାକେଶ ଦାସ, ରିତୁଲ ମହାରଣା, ସୌମ୍ୟରଂଜନ ମିଶ୍ର, ଅକ୍ଷୟ କୁମାର ମଲ୍ଲ, ହରିଶଙ୍କର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲ୍ଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ବୈଠକ

ଖୋର୍ଦ୍ଧା (ପିଏନ)- ଖୋର୍ଦ୍ଧା ଜିଲ୍ଲା ସଦର ମହକୁମାରେ ଜିଲ୍ଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ବୈଠକ ସଭାପତି ଅଗାଧୁ ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସରକାରଙ୍କ ଶିକ୍ଷା ଓ ଶିକ୍ଷକ ମାରଣ ନୀତିକୁ ତୀବ୍ର ସମାଲୋଚନା କରିବା ସହ ଦୀର୍ଘ ୬ ବର୍ଷ ଧରି ସରକାରଙ୍କ ପକ୍ଷରୁ ଏ ପର୍ଯ୍ୟନ୍ତ ନୂତନ ଶିକ୍ଷକ ନିଯୁକ୍ତି କରି ନାହାନ୍ତି । ଫଳରେ ବହୁ ଶିକ୍ଷକ ପଦବୀ ଖାଲି ପଡିଥିବାବେଳେ ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇପଡିଛି । ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ଯୋଗୁଁ ଗୁଣାତ୍ମକ ମାନ ବୃଦ୍ଧି ପାଇନାହିଁ ବୋଲି ସଂଘ ଅଭିଯୋଗ କରିଛି । ତେବେ ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟାରୁ ଶିକ୍ଷା ଅଧିକାରୀମାନେ ସମାଧାନ କରିପାରି ନାହାନ୍ତି । ସମସ୍ତ ଜିଲ୍ଲାର ଶିକ୍ଷକଙ୍କ ପଦୋନ୍ନତି ଦିଆଯାଇଥିବା ବେଳେ ଖୋର୍ଦ୍ଧା ଜିଲ୍ଲାରେ ଲେବୁଲ୫(କ)ରୁ ୫(ଖ)ରୁ ଲେବୁଲ ୪କୁ ପଦୋନ୍ନତି କରାଯାଉନାହିଁ । ଶିକ୍ଷକମାନଙ୍କୁ ନିଜ ବ୍ଲକକୁ ବଦଳି କରିବା, ବେଗୁନିଆ ବ୍ଲକର ଯେଉଁ ଶିକ୍ଷକମାନଙ୍କର ୧୦ ବର୍ଷ ପୂରଣ ହୋଇଛି ସେମାନଙ୍କୁ ଏମଏସପି ସୁବିଧା ଦେବା, ମାସର ପ୍ରଥମ ଦିନର ଦରମା ପ୍ରଦାନ କରିବା ଓ ଶିକ୍ଷକମାନଙ୍କୁ ଡିଆଇସି ପାସ ବୁକ ପ୍ରଦାନ କରାଯାଉ ନଥିବାରୁ ନେତୃବୃନ୍ଦ ଅସନ୍ତୋଷ ପ୍ରକାଶ କରିଥିଲେ ।

# ଓଡିଶାରେ ବିଲାଇଭର ୫ମ ମଲ୍ଟି ବ୍ରାଣ୍ଡ ଷ୍ଟୋର

ଭୁବନେଶ୍ୱର,(ପି.ଏନ): ସାରା ଦେଶରେ ଏହାର ସମ୍ପ୍ରସାରଣ ପ୍ରୟାସ ଜାରି ରଖିଥିବା ବିଲାଇଭ ଭାରତର ଦ୍ରୁତତମ ବୃଦ୍ଧି ପାଉଥିବା ମଲ୍ଟି ବ୍ରାଣ୍ଡ ଇଲେକ୍ଟ୍ରିକ୍ ଯାନ ପ୍ଲାଟଫର୍ମ,ଏହାରପଞ୍ଚମ ମଲ୍ଟି ବ୍ରାଣ୍ଡ ଷ୍ଟୋର ଓଡିଶାର ବ୍ରହ୍ମପୁରରେ ଖୋଲିଛି । ବିଲାଇଭର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରତୀକ ଦାଶଙ୍କ ସହ ଶ୍ରୀ ସ'ୋଷ କୁମାର ଅଗ୍ରୱାଲ, ଆଶିଷ ଅଗ୍ରୱାଲ ଏବଂ ଷ୍ଟୋର କର୍ମଚାରୀଙ୍କ ଉପସ୍ଥିତିରେ ଏହି ଷ୍ଟୋରକୁ ଉଦଘାଟନ କରିଥିଲେ । ବୈଦ୍ୟୁତିକ ଗତିଶୀଳତା ଏବଂ ଇନ୍ଧନ ମୂଲ୍ୟ ବୃଦ୍ଧିରେ ବିଶ୍ୱ ସଚେତନତା ହେତୁ ଗ୍ରାହକଙ୍କ ଚାହିଦାର ବୃଦ୍ଧିକୁ ନଜରରେ ରଖି ଏହି ଭାରତର ୨୬ ତମ ଇଭି ଷ୍ଟୋରକୁ ଓଡିଶାର ବ୍ରହ୍ମପୁରରେ ଖୋଲାଯାଇଛି । ବିଲାଇଭ ଷ୍ଟୋର ଏକାଧିକ ଇଭି ବ୍ରାଣ୍ଡ, ବିଶେଷଜ୍ଞ ସମର୍ଥନ, ସହଜ ଅର୍ଥ ଏବଂ ରୋମାଞ୍ଚକର ଅଫରରୁ ବିଭିନ୍ନ ପ୍ରକାରର ବୈଦ୍ୟୁତିକ ଯାନ ପ୍ରଦାନ କରେ । ବିଭିନ୍ନ ବୈଦ୍ୟୁତିକ ସ୍କୁଟର, ଚକ, ମୋଟରସାଇକେଲ ଏବଂ ବିତରଣ ଯାନ ପାଇଁ କ୍ରେତାମାନେ ଇଏମଆଇରେ ମାସକୁ ୨,୦୦୦ ରୁ କମ୍ ଚୟନ କରିପାରିବେ । ୨୦ ରୁ ଅଧିକ ଫ୍ରାଞ୍ଚାଇଜ୍ ମାଲିକାନା ଷ୍ଟୋରଗୁଡିକର ଏକ ନେଟୱାର୍କ ସହିତ,ବିଲାଇଭ ୨୫୦୦ ରୁ ଅଧିକ ପରିବାର ଏବଂ ବ୍ୟବସାୟକୁ ବୈଦ୍ୟୁତିକ ଯାନ ମାଧ୍ୟମରେ ସାହାଯ୍ୟ କରିଛି । ଷ୍ଟୋରରେ କିନେଟିକ୍ ଗ୍ରୀନ୍, ହିରୋ ଲେକ୍ଟ୍ରୋ, ଡିଟେଲ, ବ୍ୟାଟ୍‌ରେ, ଜେମୋପାଇ, ଟେଟୋ ଇଲେକ୍ଟ୍ରା, ଇ-ମୋଟୋରଡ ଏବଂ ଅନ୍ୟାନ୍ୟ ବୈଦ୍ୟୁତିକ ଯାନ ପ୍ରଦର୍ଶିତ ହୋଇଛି । ଗ୍ରାହକମାନେ ଷ୍ଟାଇଲିସ୍ ଲୁକ୍ ସହିତ ବହୁ ପ୍ରତୀକ୍ଷିତ ହାଇ ସ୍ପିଡ୍ ଇଭିଗୁଡିକ ମଧ୍ୟରୁ ଗୋଟିଏ ଅନୁଭବ କରିପାରନ୍ତି - ବିଲାଇଭର ମଲ୍ଟି ବ୍ରାଣ୍ଡ ଷ୍ଟୋରରେ ବ୍ୟାଟ୍: ପୁନ ଷ୍ଟୋରୀ । ଏହି ସ୍ମାର୍ଟ ଏବଂ ଅଭିନବ ଇ-ବାଇକ୍ ବ୍ୟାଟ୍‌ରେ ଏହାର ରେ ପ୍ରଥମ ଅଟୋ।ସିଇଓ ତଥା ସହ-ପ୍ରତିଷ୍ଠାତା ସମର ଖୋଲକର କହିଛନ୍ତି ଯେ 'ଓଡିଶାରେ ଭଳି ରାଜ୍ୟରେ ଏକ ନୂତନ ମଲ୍ଟି ବ୍ରାଣ୍ଡ ଅଭିଜ୍ଞତା ଷ୍ଟୋର ସହିତ ଆମର ଉପସ୍ଥିତି ବଢାଇବାକୁ ଆମେ ଉତ୍ସାହିତ । ସତ କହିବାକୁ ଗଲେ, ଆମେ ଓଡିଶାରେ ଏହି ପ୍ରକାରର ଜବରଦସ୍ତ ପ୍ରତିକ୍ରିୟା ପାଇବାକୁ ଆଶା କରିନାହୁଁ; ଆମେ ପ୍ରକୃତରେବ୍ରହ୍ମପୁରର ନୂତନ ଷ୍ଟୋର ଲୋକମାନଙ୍କୁ ଇଲେକ୍ଟ୍ରିକ୍ ଗତିଶୀଳତାପାଇଁ ଇଭିଏସ୍ ଷ୍ଟୋର ହୋମ ଡେମୋକୁ ମଧ୍ୟ ସୁଗମ କରିବ ଏବଂ ଗ୍ରାହକଙ୍କୁ ରୋମାଞ୍ଚକର ଅଫର ଏବଂ ସହଜ ଫାଇନାନ୍ସ ବିକଳ୍ପ ବିଷୟରେ ସୂଚନା ପ୍ରଦାନ କରିବ । 'ଜଳବାୟୁ ପରିବର୍ତ୍ତନ ଚି'ାଧାରାକୁ ନେଇ ବିଶ୍ୱସ୍ତରୀୟ ସଚେତନତା ସହିତ ବୈଦ୍ୟୁତିକ ଗତିଶୀଳତା ବୃଦ୍ଧି ପାଇଁ ଭାରତର ପ୍ରତିବଦ୍ଧତା ଦ୍ୱାରା ରାଜ୍ୟ ସରକାର ଚଳିତ ବର୍ଷ ପ୍ରାରମ୍ଭରେ ଏହାର ଇଭି ନୀତି ପ୍ରକାଶ କରିଛନ୍ତି ଯାହା ଉଭୟ ବ୍ୟକ୍ତିଗତ ଗତିଶୀଳତା ଏବଂ ସାଧାରଣ ପରିବହନ ବିଭାଗରେ ବୈଦ୍ୟୁତିକ ଯାନ ଗ୍ରହଣକୁ ସମର୍ଥନ କରିବ । ଇଭି ନୀତି ମଧ୍ୟ ସ୍ୱଚ୍ଛ ଶକ୍ତି ଉତ୍ସ ଉପରେ ଧ୍ୟାନ ଦେଇ ଇଲେକ୍ଟ୍ରିକ୍ ଭେଇକିଲ୍ ଚାର୍ଜିଂ ଷ୍ଟେସନ୍ ଏବଂ ବ୍ୟାଟେରୀ ସ୍ୱାପିଂ ଷ୍ଟେସନର ଏକନେଟୱାର୍କ ସୃଷ୍ଟି କରିବାକୁ ସକ୍ଷମ କରିବାକୁ ଚେଷ୍ଟା କରେ ।ଚଳିତ ବର୍ଷ ଫେବୃଆରୀରେ ଘୋଷିତ ହୋଇଥିବା ଇଭି ନୀତି ଅନୁଯାୟୀ ମିଶନ ଶକ୍ତି, ବ୍ୟକ୍ତିବିଶେଷ ତଥା ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ଓଡିଶା ସରକାର ସ୍ୱତନ୍ତ୍ର ଯୋଜନା ଘୋଷଣା କରିଛନ୍ତି । ବ୍ରହ୍ମପୁରରରେ ଥିବା ବିଲାଇଭ ଷ୍ଟୋରର ଆଶିଷ ଅଗ୍ରୱାଲ ଏହି ଉନ୍ମୋଚନ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, 'ଆମେ ବିଲାଇଭ ସହ ସହଭାଗୀ ହୋଇ ଗର୍ବିତ ଏବଂ ଓଡିଶାରେ ବୈଦ୍ୟୁତିକ ଗତିଶୀଳତାକୁ ଉତ୍ସାହିତ କରିବା ଦିଗରେ ଆମର ପ୍ରତିବଦ୍ଧତା ପ୍ରଦର୍ଶନ କରୁଛୁ । ଇଭିଏସ୍ ଶୀଘ୍ର ଜନତାଙ୍କ ମଧ୍ୟରେ ଆକର୍ଷିତ ହେବାରେ ଲାଗିଛି, ସେମାନଙ୍କର କାର୍ଯ୍ୟଦକ୍ଷତା ଏବଂ ନିର୍ଭରଯୋଗ୍ୟତା ଉପରେ ସାମାନ୍ୟ ଆଶଙ୍କା ଅଛି । ଆମେ ଲୋକମାନଙ୍କୁ ଅନୁରୋଧ କରୁଛୁ ଯେ ଆମର ବୈଦ୍ୟୁତିକ ଯାନଗୁଡିକର ପରିସର ଅନୁସନ୍ଧାନ କରିବାକୁ ଏବଂ ଇଲେକ୍ଟ୍ରିକ୍ ଗତିଶୀଳତା କାହିଁକି ଘଣ୍ଟାର ଆବଶ୍ୟକତା ଅଟେ ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Prayaan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ରାସ୍ତାରେ ହେଲା ପ୍ରସବ; ଶିଶୁପୁତ୍ରର ମୃତ୍ୟୁ ପ୍ରସୂତୀଙ୍କୁ ମିଳିଲାନି ଚିକିତ୍ସା

ଯୋଡ଼ା (ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକା ୯ ୱାର୍ଡ ଗୋପ ହଟିଂ ସ୍ଥିତ ମଙ୍ଗଳାମନ୍ଦିର ନିକଟ ରାସ୍ତାରେ ଜନ୍ମ ହୋଇଛି ଏକ ଶିଶୁପୁତ୍ର । ଭୂମିଷ୍ଠ ହେବା ପରେ ଶିଶୁପୁତ୍ରଟିର ମୃତ୍ୟୁ ହୋଇଯାଇଥିବା ଖବର ହସ୍ତଗତ ହୋଇଛି । ଏହି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ସର୍ବାଧିକ ଖଣି ରାଜସ୍ୱ ଦେଉଥିବା ଖଣି ଉପତ୍ୟକା ଯୋଡା ସହରରେ । ପ୍ରତ୍ୟେକ୍ଷ ସୂତ୍ରରୁ ପ୍ରକାଶ ଯେ ସୋମବାର ରାତ୍ର ପ୍ରାୟ ସାଢେ ୧୦ଟା ସମୟରେ ଜଳହରୀ ପ□ାୟତ ଅଧୀନରେ ଆଇଟିସି କଲୋନୀ ନିବାସୀ କପିଳାସ ନାଏକ ତାଙ୍କ ପତ୍ନୀ ସୁକମତୀ ପୂ□ୀ ଏବଂ ତାଙ୍କ ଶାଶୁ ଘାସ ନାଏକ ସୁକୁମତୀଙ୍କୁ ଦୁଇ କାନ୍ଧର ସାହାରାରେ ମଙ୍ଗଳାମନ୍ଦିର ରାସ୍ତା ଦେଇ ସରକାରୀ ଡାକ୍ତରଖାନାକୁ ନେଉଥିବା ବେଳେ ପ୍ରସବ ବେଦନା ସହିନପାରି ସୁକୁମତୀ ରାସ୍ତାରେ ଉପରେ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ । ହେଲେ ଶିଶୁପୁତ୍ରଟିର କିଛିକ୍ଷଣ ପରେ ମୃତ୍ୟୁ ଘଟିଥିଲା । ପ୍ରସବ ବେଦନାର ଚିତ୍କାର ଏବଂ ମୃତ ଶିଶୁପୁତ୍ରର ଦୁଃଖରେ ମ୍ରିୟମାଣ ମୃତ ଶିଶୁର ମା'ଙ୍କର କ୍ରନ୍ଦନ ବସ୍ତିବାସିନ୍ଦାଙ୍କ ନିଦ ହଜାଇ ଦେଇଥିଲା । ଏସମ୍ପର୍କରେ ବିଦ୍ଧିବଦ୍ଧ ଭାବେ ସୁକୁମତୀଙ୍କ ସ୍ୱାମୀ କପିଳାସଙ୍କ ଠାରୁ ଜାଣିବାକୁ ମିଳିଥିଲା ଯେ ସୋମବାର ଅପରାହ୍ଣ ୨ଟା ବେଳେ ସେ ଓ ତାଙ୍କ ପରିବାର ସୁକୁମତୀଙ୍କୁ ପ୍ରସବ ପାଇ ଯୋଡା ସ୍ଥିତ ସରକାରୀ ଡାକ୍ତରଖାନାରେ ଭ□ କରିଥିଲେ । ସେଠାରେ ତାଙ୍କର ଅବସ୍ଥା ଜଟିଳ ଥିବାରୁ ତାଙ୍କୁ ଡାକ୍ତରଖାନା ପକ୍ଷରୁ କେନ୍ଦୁଝର କିମ୍ବା ଚମ୍ପୁଆ ନେବା ପାଇଁ କୁହାଯାଇଥିଲେ ହେଁ ସମ୍ବଳ ଅଭାବରୁ ସେ ଟାଟା କମ୍ପାନୀ ଡାକ୍ତରଖାନାକୁ ନେଇଯାଇଥିଲେ । ସେଠାରେ ତାଙ୍କୁ ଚିକିତ୍ସା କରାଯିବା ପରିବ□ କେବଳ କୋଭିଡ ଟେଷ୍ଟ କରାଇ କୌଣସି ରିପୋର୍ଟ ନଦେଇ ତାଙ୍କୁ ପୁନଃ ସରକାରୀ ଡାକ୍ତରଖାନାକୁ ପଠାଇ ଦିଆଯାଇଥିଲା । ସେଠାରୁ ସରକାରୀ ଡାକ୍ତରଖାନାକୁ ଆସିବା ପାଇଁ କୌଣସି ଗାଡି କିମ୍ବା ଆମ୍ବୁଲାନ୍ସର ସୁବିଧା ନମିଳିବାରୁ ଶେଷରେ ସୁକୁମତୀ ପୂ□ୀଙ୍କ ସ୍ୱାମୀ ଓ ଶାଶୁ ଦୁଇ କାନ୍ଧରେ ଆଶ୍ରା କରି ପାଦରେ ଚାଲି ଚାଲି ମଙ୍ଗଳାମନ୍ଦିର ଦେଇ ରାସ୍ତା ଅତିକ୍ରମ କରୁଥିବା ବେଳେ ଗର୍ଭବତୀ ମହିଳା ସୁକୁମତୀଙ୍କ ରାସ୍ତାରେ ପ୍ରାୟ ରାତ୍ର ୧୧ଟା ବେଳେ ସନ୍ତାନ ପ୍ରସବ ହୋଇଯାଇଥିଲା । ଶିଶୁପୁତ୍ରଟିର ଜନ୍ମ ହେବାର କିଛି ସମୟ ପରେ ମୃତ୍ୟୁ ହୋଇଯାଇଥିଲା । କ୍ରନ୍ଦନ ଏବଂ ଚିତ୍କାର ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଆସି ଦେଖିବା ପରେ ସମସ୍ତେ ସ୍ତବ୍ଧ ହୋଇଯାଇଥିଲେ । କାରଣ ଶିଶୁପୁତ୍ର ଜନ୍ମ ହେବା ପରେ ଶିଶୁପୁତ୍ରଟିର ନାଭି ମା' ସହିତ ସଂଯୋଗ ହୋଇ ରହିଥିଲା । ମାଙ୍କର ଜୀବନ ପ୍ରତି ବିପଦ ଥିବାରୁ ତୁରନ୍ତ ସ୍ଥାନୀୟ ଲୋକ ୧୦୮ ଆମ୍ବୁଲାନ୍ସକୁ ଖବର ଦେବା ସହିତ ଟାଟାକମ୍ପାନୀ ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଫୋନ ଯୋଗେ ଜଣାଇଥିଲେ । ତେବେ ବଡବିଲରୁ ୧୦୮ ଆମ୍ବୁଲାନ୍ସଟି ପହ□ି ସୁକୁମତୀଙ୍କୁ ମୃତ ଶିଶୁପୁତ୍ର ସହ ସ୍ଥାନୀୟ ସରକାରୀ ଡାକ୍ତରଖାନାରେ ଭ□ କରିଥିଲେ । ଏହି ଘଟଣା ପ୍ରଘଟ ହେବା ପରେ ଜନସାଧାରଣଙ୍କ ମନରେ ଘରୋଇ ଡାକ୍ତରଖାନା ପ୍ରତି ପ୍ରବଳ ଆକ୍ରୋଶ ଦେଖାଯାଇଥିଲା । ଯୋଡା ବିକାଶ ପରିଷଦ ପକ୍ଷରୁ ସଭାପତି ନିରଞ୍ଜନ ବହିଦାର କ୍ଷୋଭର ସହ ନିଜର ପ୍ରତିକ୍ରିୟାରେ କହିଛନ୍ତି ଯେ ଟାଟା ଖଣି ଖାଇ ପାଣି ଖାଇଲା ହେଲେ ପ୍ରଭାବିତ ଲୋକଙ୍କର ସେବାକୁ ନିଜର ଦାୟିତ୍ୱ ବଦଳରେ ଦୟା ବୋଲି ଭାବିଲା । ଏସମ୍ପର୍କରେ ଟାଟା କମ୍ପାନୀ ଡାକ୍ତରଖାନା ମୁଖ୍ୟ ଚିକିତ୍ସାଧିକାରୀ ଏମ.କେ.ତ୍ରିପାଠୀ ତାଙ୍କ ପ୍ରତିକ୍ରିୟାରେ କହିଥିଲେ ଯେ ମହିଳା ଜଣକ ଚିକିତ୍ସା ନିମନ୍ତେ ଏଠାକୁ ଆସିଥିବା ସେ ଜାଣିଛନ୍ତି । ଏବଂ ତାଙ୍କର କୋଭିଡ ଟେଷ୍ଟ ମଧ୍ୟ କରାହେବା ପରେ କରୋନା ପଜିଟିଭ ରିପୋର୍ଟ ଜଣାପଡିଛି । ରୋଗୀ ଏଠାରୁ ଚାଲିଯିବା ସମ୍ପର୍କରେ ସେ ତଦନ୍ତ କରିବେ । ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ । ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ ଟାଟାଷ୍ଟିଲ ଡାକ୍ତରଖାନା ପରିସର ମଧ୍ୟରେ କୋଭିଡ ଡାକ୍ତରଖାନା ଥିବା ସ□େ କିପରି ମହିଳାଙ୍କୁ ଚିକିତ୍ସା କରାନଯାଇ କିପରି ଦାୟିତ୍ୱହୀନ ଭାବେ ପଠାଇ ଦିଆଗଲା ଓ ଆମ୍ବୁଲାନ୍ସଟିଏ ମଧ୍ୟ ତାଙ୍କୁ ଦିଆଗଲା ନାହିଁ ଏହା ଜନସାଧାରଣଙ୍କ ପ୍ରଶ୍ନ । ତେଣେ ସରକାରୀ ଡାକ୍ତରଖାନାରୁ ପ୍ରସବ ଚିକିତ୍ସା ହେବା ପରେ ମହିଳା ଓ ତାଙ୍କ ପରିବାର ଜଳହରୀ ସ୍ଥିତ ଆଇଟିସି ଗ୍ରାମକୁ ଚାଲି ଯାଇଛନ୍ତି । ଯାହାକୁ ସଂକ୍ରମଣର ଆଶଙ୍କାକୁ ବଢାଇ ଦେଇଛି । ଏନେଇ ଟାଟା କମ୍ପାନୀ କର୍ପୋରେଟ କମ୍ୟୁନିକେଶନର ଅଧିକାରୀ ଆଶିଷ ଆଚାର୍ଯ୍ୟ ପ୍ରେସ ବିବୃ□ ଦେଇ ସୂଚନା ଦେଇଛନ୍ତି ଯେ ସୁକୁମତୀ ପୂ□ୀଙ୍କୁ ଅକ୍ଟୋବର ୫ ତାରିଖ ରାତି ପ୍ରାୟ ୮.୪୦ ମିନିଟରେ ଟାଟାଷ୍ଟିଲ ହସ୍ପିଟାଲକୁ ଅଣାଯାଇଥିଲା । ହସ୍ପିଟାଲରେ ୨ଜଣ ସ୍ତ୍ରୀ ଓ ପ୍ରସୂତୀ ବିଭାଗର ବିଶେଷଜ୍ଞ ଅଛନ୍ତି । ଜଣେ ଡାକ୍ତର ସଙ୍ଗରୋଧରେ ଥିବାରୁ ସେ ରୋଗୀଙ୍କୁ ଦେଖି ପାରିବେ ନାହିଁ । ଦ୍ୱିତୀୟ ଡାକ୍ତର କୋଭିଡରୁ ଏବେ ସୁସ୍ଥ ହୋଇଛନ୍ତି ଓ ସେହି ସମୟରେ ସେ ଅସୁସ୍ଥତା ଅନୁଭବ କରିବାରୁ ଡାକ୍ତରଖାନାକୁ ଆସିପାରିନଥିଲେ । ଏପରିସ୍ଥିତିରେ ରୋଗୀଙ୍କୁ ଏଠାରେ ଭ□ କରିବା ସମ୍ଭବପର ନଥିବାରୁ ନିକଟସ୍ଥ ହସ୍ପିଟାଲକୁ ନେବା ପାଇଁ ପରାମର୍ଶ ଦିଆଯାଇଥିଲା ।

## ଉପଖଣ୍ଡ ଚିକିତ୍ସାଳୟରେ ବ୍ଲଡ ଷ୍ଟୋରେଜ ୟୁନିଟ୍‌କୁ କାର୍ଯ୍ୟକ୍ଷମ ଦାବୀ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ୩ ବର୍ଷ ତଳେ ବ୍ଲଡ ଷ୍ଟୋରେଜ ୟୁନିଟ ଖୋଲାଯାଇଥିଲା । ହେଲେ ଆବଶ୍ୟକ ରକ୍ତ ସଂଗ୍ରହ ହୋଇ ପାରୁନଥିବା ଯୋଗୁଁ ଏହି ୟୁନିଟ ବନ୍ଦ କରି ଦିଆଯାଇଥିବା ଜଣାପଡିଛି । ଫଳରେ ଏହି ୟୁନିଟକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବୀ ହେଉଛି । ନୂଆପଡା ଜିଲ୍ଲାର ପ୍ରମୁଖ ଏବଂ ମୁଖ୍ୟସ୍ଥଳୀ ଭାବରେ ଖଡିଆଳ ଜଣାଶୁଣା । ଏଠାରେ ରକ୍ତ ଅଭାବରୁ ଅନେକ ରୋଗୀ ଉପଯୁକ୍ତ ଚିକିତ୍ସା ସେବା ପାଇ ପାରୁନଥିବା ବେଳେ ବ୍ଲଡ ଷ୍ଟୋରେଜ ୟୁନିଟର ନିତାନ୍ତ ଆବଶ୍ୟକତା ରହିଛି । ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ତରଫରୁ ପ୍ରତିମାସରେ ରକ୍ତଦାନ ଶିବିର ଆୟୋଜନ କରି ଆବଶ୍ୟକ ରକ୍ତ ମହଜୁଦ ରଖିବାକୁ ଇତିପୂର୍ବେ ଖଡିଆଳ ଉପଖଣ୍ଡ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତଦନୁରୁପ ଖଡିଆଳ ଉପଖଣ୍ଡ ଚିକିତ୍ସାଧିକାରୀ ରକ୍ତଦାନ ଶିବିର ଆୟୋଜନ ପାଇଁ ବୈଠକ ମଧ୍ୟ କରିଥିଲେ । କିନ୍ତୁ କୌଣସି କାରଣ ନଥାଇ ତାହାକୁ ବିନା କାରଣରେ ବନ୍ଦ କରି ଦିଆଯାଇଛି । ଖଡିଆଳ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପ୍ରସୂତୀ ଅସ୍ତ୍ରୋପ୍ରଚାର କେନ୍ଦ୍ର ରୁପେ ଜିଲ୍ଲା ପ୍ରଶାସନ ସ୍ୱୀକୃତି ଦେଇଥିବା ବେଳେ ଆନୁସାଙ୍ଗିକ ବ୍ୟବସ୍ଥା ନହେବା କାରଣରୁ ଅନେକ ଗର୍ଭବତୀ ମହିଳା ମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ କରିବାକୁ ବିଫଳ ହେଉଛନ୍ତି । ଖଡିଆଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୈନିକ ଦୈନିକ ୧୦ ରୁ ଉର୍ଦ୍ଧ ମାଁ ପ୍ରସବ କରୁଛନ୍ତି । କିନ୍ତୁ ଅନେକ ମାଁଙ୍କୁ ରକ୍ତ ମିଳୁନଥିବା ଯୋଗୁଁ ଶିଶୁ ଜନ୍ମ ଦେଲା ପରେ ମଧ୍ୟ ନୂଆପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରସୂତୀଙ୍କୁ ନେବାକୁ ବାଧ୍ୟ ହେଉଛନ୍ତି ।

## ଖଟିଖିଆଙ୍କୁ ମାଗଣା ଖାଦ୍ୟ, ୬ ମାସ ପାଇଁ ପ୍ରତି ପରିବାରକୁ ଆର୍ଥିକ ସହାୟତା ଦାବିରେ ସିପିଆଇଏମ୍‌ର ବିକ୍ଷୋଭ

ଭଦ୍ରକ, (ପିଏନ)- ସିପିଆଇଏମ୍ ପଲିଟି ବ୍ୟୁରୋ ଡାକରାରେ ସାରା ଦେଶରେ ଗତ ୧୭ ତାରିଖ ଠାରୁ ମୋଦି ସରକାର ବିରୋଧୀ ଆନ୍ଦୋଳନ ଜାରି ରହିଛି । ଏହି ପରିପ୍ରେକ୍ଷୀରେ ବିଭିନ୍ନ ଦାବି ନେଇ ସିପିଆଇଏମ ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ସ୍ଥାନୀୟ ବନ୍ତ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସମଗ୍ର ବିଶ୍ୱ କରୋନା ମହାମାରୀ କବଳରେ ରହିଛି । ଭାରତ ବର୍ଷ ମଧ୍ୟ ଏଥିରୁ ବାଦ୍ ପଡିନାହିଁ । ଦେଶବାସୀଙ୍କ ଜୀବନ ଓ ଜୀବିକା ସଂକଟମୟ ସ୍ଥିତି ମଧ୍ୟରେ ଗତି କରୁଛି । ଏଭଳି ସମୟରେ କେନ୍ଦ୍ରର ମୋଦି ସରକାର ସଂସଦରେ ଏ ବିଷୟ ଆଲୋଚନା ନ କରି କୃଷିଜାତ ଦ୍ରବ୍ୟ ଡାଲି, ଧାନ, ଆଳୁ, ପିଆଜକୁ ୩ଟି ଅଧ୍ୟାଦେଶ ଜରିଆରେ କର୍ପୋରେଟ କମ୍ପାନୀ ହାତକୁ ଟେକି ଦେଇଛି । ସମସ୍ତ ରାଷ୍ଟ୍ରାୟ ଶିଳ୍ପ ଯଥା ରେଳବାଇ, ବିମାନ ସେବା, ବ୍ୟାଙ୍କ, ଡାକ, ବୀମା, ଖଣିକୁ ଶାଗମାଛ ଦରରେ ଆଦାନୀ, ଅମ୍ବାନୀ ତଥା ବିଦେଶୀ କର୍ପୋରେଟ କମ୍ପାନୀକୁ ଟେକି ଦିଆଯାଉଛି ବୋଲି ବିକ୍ଷୋଭ ଅବସରରେ ଆରୋପ କରାଯାଇଛି । ଦେଶରେ ପେଟ୍ରୋଲ, ଡିଜେଲର ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା, ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟରେ ସ୍ଥିରତା ଆଣିବା, କରୋନା ମହାମରୀ ଜନିତ ଗରିବ ଖଟିଖିଆ ରିକ୍‌ସା ଚାଳକ, ନିର୍ମାଣ ଶ୍ରମିକ, ପରିବହନ ଶ୍ରମିକ, ବନ୍ଦର ଶ୍ରମିକ, ଟ୍ରଲି ଚାଳକ ଭଳି ପରିବାରକୁ ମାଗଣା ଖାଦ୍ୟ ଯୋଗାଣ ଓ ପ୍ରତି ପରିବାରକୁ ୬ ମାସ ପାଇଁ ମାସିକ ୭୫୦୦ ଟଙ୍କା ଆର୍ଥିକ ସହାୟତା ଯୋଗାଇବାକୁ ବିକ୍ଷୋଭ ସଭାରେ ଦାବି କରାଯାଇଛି । ପାର୍ଟିର ଜିଲ୍ଲା କମିଟି ସମ୍ପାଦକ ଦିବ୍ୟସିଂହ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ସେକ୍ କାସିମ, ସେକ୍ ମନଓ୍ୱର, ସେକ୍ ସିକ୍‌ରୁ, ଗେଜ ମୁଣ୍ଡା, ମ_ ମୁଣ୍ଡା, ସେକ୍ ହାଦିକ, ସନାତନ ଦାସ, ସନ୍ତୋଷ ରାଉତ, ସେକ୍ କମର, ସେକ୍ ଅବଦୁଲ ରହେମାନ, ଜଗନ୍ନାଥ ରାଓ, ରାଜୁ ରାଓ, ମେହେମୁଦ୍ ପ୍ରମୁଖ ବିକ୍ଷୋଭ ସଭାରେ ସାମିଲ ହୋଇଥିଲେ ।

## କାରଖାନା ବନ୍ଦ ପାଇଁ ଚକ୍ରାନ୍ତ, ବଢୁଛି ଅସନ୍ତୋଷ

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରେ ଖଣିଜ ସଂପଦର ସଦୁପଯୋଗ କରିବା ପାଇଁ ଶିଳ୍ପ ପ୍ରତିଷ୍ଠା ଜରୁରୀ ହୋଇପଡିଛି । ବହୁ କମ୍ପାନୀ ଶିଳ୍ପ ନକରି ଖଣିଜ ପଥର ଚାଲାଣ କରି ଲାଭବାନ ହେଉଥିବାବେଳେ କେତେକ କମ୍ପାନୀ ଖଣିଜ ପଥର ସଦୁପଯୋଗ କରିବା ସହ ଜିଲ୍ଲାର ବିକାଶ ଓ ସ୍ଥାନୀୟ ଅ□ଳର ବେକାର ଯୁବକ ଯୁବତୀଙ୍କ ନିଯୁକ୍ତିକୁ ଆଖି ଆଗରେ ରଖି ଶିଳ୍ପ ପ୍ରତିଷ୍ଠା କରିଛନ୍ତି । ତେବେ କେତେକ ମୁଷ୍ଟିମେୟ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ନିଜର ଫାଇଦା ପାଇଁ ସ୍ଥାନୀୟ ସରଳ ଗରୀବ ଲୋକଙ୍କୁ ମତାଇ ଉକ୍ତ ଶିଳ୍ପ ବନ୍ଦ ପାଇଁ ଚକ୍ରାନ୍ତ ଚଳାଇ ଆସୁଥିବାରୁ ଅସନ୍ତୋଷ ବଢିବାରେ ଲାଗିଛି । ଏଭଳି ଘଟଣା ବାଂଶପାଳ ବ୍ଲକ ଅଁରା ଗ୍ରାମରେ ପ୍ରତିଷ୍ଠିତ ହୋଇଥିବା ଶ୍ରୀ ମେଟାଲିକ୍ସ କାରଖାନାକୁ ବନ୍ଦ କରିବା ପାଇଁ ଷଡଯନ୍ତ୍ର କରାଯାଉଥିବା ନେଇ ସ୍ଥାନୀୟ ଲୋକ କେନ୍ଦୁଝର ଜିଲ୍ଲାପାଳଙ୍କଠାରେ ମଙ୍ଗଳବାର ଦିନ ଅଭିଯୋଗ କରିଛନ୍ତି । ଏହି କାରଖାନା ଆଦିବାସୀ ଅଧ୍ୟୁଷିତ ଅ□ଳରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ୨୦୧୦ ମସିହାରେ ପ୍ରତିଷ୍ଠା ହୋଇ କାର୍ଯ୍ୟକ୍ଷମ ହୋଇଥିଲା । ଏହାଦ୍ୱାରା କାମ ଆଶାରେ ଜମି ଦେଇଥିବା ଶତାଧିକ ପରିବାର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଉପର ରାଇଗୋଡା ପ□ାୟତ ସମେତ ମଳଦା,ଫୁଲଝର, କୁମୁଣ୍ଡି, ଶୁଆକାଟୀ,ବାଂଶପାଳ ଆଦି ପ□ାୟତର ବହୁ ବେକାର ଯୁବକ ଉପକୃତ ହୋଇ ଆସୁଥିଲେ । ତେବେ କେତେକ କୁଚକ୍ରୀ ଗୋଷ୍ଠୀଙ୍କ ଚକ୍ରାନ୍ତରେ ୨୦୧୪ ମସିହାରେ କାରଖାନା ବନ୍ଦ ହୋଇଯାଇଥିଲା । ଉକ୍ତ ସମୟରେ ସ୍ଥାନୀୟ ଲୋକେ କାମଧନ୍ଦା ହରାଇ ଆର୍ଥିକ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ । କାରଖାନା ପାଇଁ ଜମି ଦେଇଥିବା ଲୋକମାନେ ବାଧ୍ୟ ହୋଇ ଭିଟାମାଟି ଛାଡି କାମଧନ୍ଦା ପାଇଁ ବାହାରକୁ ପଳାଇବାକୁ ବାଧ୍ୟ ହୋଇଥିଲେ । ପରେ ଜମିହରା ଲୋକଙ୍କ ଅନୁରୋଧ ଓ ଅନୁକୁଳ ପରିବେଶ ସୃଷ୍ଟି ହେବା ପରେ ୨୦୧୭ ରେ ପୁନଃ ସ୍ଥାନୀୟ ଲୋକଙ୍କ ସହଯୋଗରେ କାରଖାନା ଚାଲୁ ହୋଇଥିଲା । ଏବେ କେତେକ ନ୍ୟସ୍ତ ସ୍ୱାର୍ଥବାଦୀ ଲୋକ ନିଜର ଫାଇଦା ପାଇଁ ଗରୀବ ଓ ନିରୀହ ଆଦିବାସୀଙ୍କୁ ପ୍ରଲୋଭିତ କରି କାରଖାନାରେ ବିଶୃଙ୍ଖଳା ସୃଷ୍ଟି କରି ବନ୍ଦ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି । ଅନେକ ସମୟରେ ମିଥ୍ୟା ଓ ଭି□ହୀନ ଅଭିଯୋଗ କରି କାରଖାନା କ□ୃପକ୍ଷଙ୍କୁ ବିବାଦ ଘେରକୁ ଟାଣି ନେବାକୁ ଚେଷ୍ଟା କରିବା ସହ ଉ□ଜନା ପରିସ୍ଥିତି ସୃଷ୍ଟି କରୁଛନ୍ତି । ସେମାନେ ଗରୀବ ଲୋକଙ୍କୁ ପ୍ରଲୋଭିତ କରି କିମ୍ବା ଧମକଚମକ ଦେଇ କାରଖାନାରେ କାମ କରିବାକୁ ବାରଣ କରୁଛନ୍ତି । ସେମାନଙ୍କୁ ହାତବାରିସି କରି ହିଂସାତ୍ମକ ଆନ୍ଦୋଳନ କରିବା ସହ ଅରାଜକତା ସୃଷ୍ଟି କରି ଶ୍ରୀ ମେଟାଲିକ୍ସ ପ୍ଲା□କୁ ବନ୍ଦ କରିବାକୁ ଉଦ୍ୟମ ଚଳାଇଛନ୍ତି । କାରଖାନା ବନ୍ଦ ହେଲେ ଶହ ଶହ ଜମିହରା ଗ୍ରାମବାସୀ ଏବଂ କାରଖାନା ଉପରେ ନିର୍ଭରଶୀଳ ସ୍ଥାନୀୟ ଅ□ଳର ଅଧିବାସୀ ଜୀବନଜୀବିକା ହରାଇବେ ଓ କରୋନା ମହାମାରୀ ସମୟରେ କାମଧନ୍ଦା ହରାଇ ସେମାନଙ୍କର ଆର୍ଥିକ ସ୍ଥିତି ଦୋହଲିଯିବ । ଏଣୁ ଏଥିରେ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରି କୁଚକ୍ରୀ ଷଡଯନ୍ତ୍ରକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କାରଖାନାକୁ ଶାନ୍ତିପୂର୍ଣ୍ଣ ଭାବରେ ପରିଚାଳନା କରିବାକୁ ଅଁରା ଗ୍ରାମବାସୀ ଓ ଶ୍ରୀ ରାଧାକୃଷ୍ଣ ଗ୍ରାମ କମିଟି ତରଫରୁ ଅନୁରୋଧ କରାଯାଇଛି । ଏହାର ଏକକିତା ନକଲ ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରିବା ସହ କେନ୍ଦୁଝର ଉପଜିଲ୍ଲାପାଳ,ସଦର ଏସ୍‌ଡିପିଓ, ବାଂଶପାଳ ତହସିଲଦାର, ନୟାକୋଟ ଥାନା ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି ।

## ଭୁବନ ବିଜେପି ତରଫରୁ ସେବା ସପ୍ତାହ ଉଦଯାପିତ

ଭୁବନ, (ପିଏନ)- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୦ ତମ ଜନ୍ମଜୟନ୍ତୀ ଅବସରରେ ଭୁବନ ବିଜେପି ତରଫରୁ ଅନୁଷ୍ଠିତ ସେବା ସପ୍ତାହ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ବୃକ୍ଷରୋପଣ,ଦିବ୍ୟାଙ୍ଗଙ୍କୁ ଉପକରଣ ବଣ୍ଟନ,ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ,ରକ୍ତଦାନ ଶିବିର ଏବଂ ଅନ୍ତିମ ଦିବସରେ ଗତକାଲି ପ୍ରସିଦ୍ଧ ଶୈବପୀଠ ବାବା ବୁଦ୍ଧେଶ୍ୱରଙ୍କ ମନ୍ଦିର ପରିସରରେ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ କରାଯାଇ ସେବା ସପ୍ତାହ ଉଦଯାପିତ ହୋଇଥିଲା । ଭୁବନ ନଗରମଣ୍ଡଳ ସଭାପତି ଭବାନୀ ଶଙ୍କର ବେହେରା ଙ୍କ ନେତୃତ୍ୱରେ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମରେ କାମାକ୍ଷାନଗର ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ ବିଜେପି ନେତା ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ମଣ୍ଡଳ ସାଧାରଣ ସଂପାଦକ ସୁରେନ୍ଦ୍ର କୁମାର ପୃଷ୍ଟି, ଯୁବମୋର୍ଚ୍ଚା ସଭାପତି ନିର୍ମଳ ଗୁରୁ, ପୂର୍ବତନ କାନସିଲର ମାୟାଧର ଗୁରୁ,ପବିତ୍ର ସାହୁ,ଗଣେଶ୍ୱର ନାୟକ,ସୁଶାନ୍ତ ନାୟକ,ସନ୍ତୋଷ ରାଉଳ,ନିରଂଜନ ଗୁରୁ, ମଳୟ ତ୍ରିପାଠୀ,ଜଗବନ୍ଧୁ ଗୁରୁ,ଅଜିତ ସାହୁ,ସଂଜୟ ଗୁରୁ,ନାରୀନେତ୍ରୀ ସରୋଜିନୀ ରଣା,ଅମ୍ବିକା ବେଜ,ସୁକାନ୍ତି ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଅନୁରୂପ ଭାବେ ଭୁବନ ବ୍ଲକର ମହୁଲପାଳ ମଣ୍ଡଳ ସଭାପତି ଚୈତନ୍ୟ ବେହେରା,ମୃଦଙ୍ଗା ସରପଂଚ ଅଶୋକ ଦତ,ମହୁଲପାଳ ସରପଂଚ ମମତା ସାହୁ,ଗଗନ ବିହାରୀ ସାହୁ ଏବଂ ବାରଆଁ ମଣ୍ଡଳ ତରଫରୁ ସଭାପତି ସଂଜୟ ଦାସ ଙ୍କ ନେତୃତ୍ୱରେ ରସାନନ୍ଦ ମହାପାତ୍ର, ଜିଲ୍ଲା ସାଧାରଣ ସଂପାଦକ ପ୍ରେମାନନ୍ଦ ଜେନା ଙ୍କ ସହଯୋଗରେ ସେବା ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।




2024-2025

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2024

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada


## ୩୦ ବର୍ଷର ଫଳପୁରର ଜଙ୍ଗଲ ଜମି ଏବେ ବ୍ୟକ୍ତିଗତଙ୍କ ନାଁରେ : ଆନ୍ଦୋଳନ ପାଇଁ ୫ ପଂଚାୟତବାସୀ ଏକଜୁଟ

ଭଦ୍ରକ, (ପିଏନ)- ଭଦ୍ରକ ଜିଲା ଧାମନଗର ତହସିଲ ଅଧିନରେ ଥିବା ବିଭିନ୍ନ ଗୋଚର, ଅନାବାଦୀ ଓ ଜଙ୍ଗଲ ଜମିକୁ କେତେକ ଜମି ଦଲାରୀ ଚଂଚକତା କରି ନିଜ ନାମରେ କରି ନେଇଥିବା ଅଭିଯୋଗ ହୋଇଛି । ଏପରିକି ଉକ୍ତ ଜମିରେ ସଂପୃକ୍ତ ଦଲାରୀମାନେ ପକ୍କାଘର ସହିତ ଜବରଦଖଲ କରିବାରେ ସକ୍ଷମ ହୋଇଛନ୍ତି । ଏନେଇ ବିଭିନ୍ନ ମହଲରୁ ବାରମ୍ବାର ଅଭିଯୋଗ ସତ୍ୱେ ବି ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଅଂଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପ୍ରକାଶ ଥାଉକି ଧାମନଗର ତହସିଲ ଅନ୍ତର୍ଗତ ଭଟ୍ଟସାହି ପଂଚାୟତ ଫଳପୁର ମୌଜାର ତଫସିଲ ଗ୍ରାମ୍ୟ ଜଙ୍ଗଲ ବୃତିକୁ ଚଂଚକତା କରି ଧୁଷୁରୀ ଅଂଚଳର ଜନୈକ ବ୍ୟକ୍ତି ନିଜ ନାମରେ ପଟ୍ଟା କରିନେଇଥିବା ଜଣାଯାଇଛି । ଅଭିଯୋଗରୁ ଜଣାଯାଇଛି ଯେ, ଜମିଦାରୀ ସମୟରେ ସୁଶିଳାବାଳା ଦାସୀ ନାମରେ ଉକ୍ତ ତଫସିଲ ରେକର୍ଡ ଦରଜ ଥିଲା । ସାବକରେ ଏହାର ଖାତା ନଂ-୧୩୫ ଅବଂ ପ୍ଲଟ ନଂ-୧୫୬୦ ଓ ୧୫୬୧, ରକବା ୨ଏକର ୧୧ ଡିସିମିଲ ଥିଲା । ତତ୍‌ପରେ ଉକ୍ତ ତଫସିଲ ହାଲ ବନ୍ଦୋବସ୍ତରେ ରାଧାକାନ୍ତ ବୋଷ ପିତା-ରାମକୃଷ୍ଣ ବୋଷ, ବାସସ୍ଥାନ-କୋଠାରରେ ରେକର୍ଡ ଦରଜ ଥାଇ ପୁନର୍ବାର ରାଧାକାନ୍ତ ବୋଷଙ୍କ ଦୁଇ କନ୍ୟା ରାଜେଶ୍ୱରୀ ଦେ ଓ ତନୁଶ୍ରୀ ମିତ୍ରଙ୍କ ନାମରେ ରେକର୍ଡ ହୋଇଥିଲେ ହେଁ ପ୍ରକୃତପକ୍ଷେ ସେମାନେ କେହିଁ ଏହି ଜଙ୍ଗଲ ଜମିରେ ଦଖଲଦାରୀ ନଥିଲେ । ପରବର୍ତୀ ସମୟରେ ଧୁଷୁରୀ ଅଂଚଳର ଜନୈକ ବ୍ୟକ୍ତି ସେମାନଙ୍କ ଠାରୁ ଚଂଚକତା କରି ଉକ୍ତ ଜଙ୍ଗଲ ଜମିକୁ ନିଜ ନାମରେ କରି ପଟ୍ଟା ପାଇବାରେ ସକ୍ଷମ ହୋଇଛନ୍ତି । ଏହି ଚଂଚକତା ଘଟଣା ଜଣାପଡିବା ପରେ ଆଖପାଖ ଅଂଚଳର ଭଟ୍ଟସାହି ସମେତ ନଦୀଗାଁ, ଦଲାଙ୍ଗ, ଅର୍ଜୁନପୁର ଓ ବୟାଙ୍ଗଡିହ ଆଦି ପଂଚାୟତର ଶହଶହ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଉକ୍ତ ଗ୍ରାମ୍ୟ ଜଙ୍ଗଲରେ ପାରିପାର୍ଶ୍ୱରେ ଅରଳେଶ୍ୱର ମହାଦେବ ମନ୍ଦିର, ଶନିଦେବଙ୍କ ମନ୍ଦିର, କଣ୍ଡିଆଶୁଣି ଏବଂ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅସ୍ଥାନ ରହିଛି । ମଧ୍ୟଭାଗରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ରାସ୍ତା ଏବଂ ଜଙ୍ଗଲର ଚତୁର୍ପାର୍ଶ୍ୱରେ କଣ୍ଡିଆ ଓ ଗେଙ୍ଗୁଟି ନଦୀ ଥିବାରୁ ପରିବେଷକୁ ସୁନ୍ଦର କରିଛି । ଏନେଇ ଉକ୍ତ ୫ଟି ପଂଚାୟତର ଶତାଧିକ ଜନସାଧାରଣ ଏହି ଗ୍ରାମ୍ୟ ଜଙ୍ଗଲ ପରିସରରେ ଥିବା କଣ୍ଡିଆଶୁଣୀ ପୀଠରେ ଏକତ୍ରିତ ହୋଇ ପରବର୍ତୀ କାର୍ଯ୍ୟପନ୍ଥା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ୩୦ ବର୍ଷ ଧରି ସରକାରଙ୍କ ଏହି ସ୍ଥାନ ଗ୍ରାମ୍ୟ ଜଙ୍ଗଲର ମାନ୍ୟତା ପାଇଥିଲା ବେଳେ କିପରି ଭାବେ ଏହି ଜମିକୁ ସଂପୃକ୍ତ ବ୍ୟକ୍ତିଙ୍କ ନାମରେ ରେକର୍ଡଭୁକ୍ତ କରାଗଲା । ଏହି ର୍‌ୟାକେଟ ପଛରେ କେଉଁ ସରକାରୀ ଅଧିକାରୀଙ୍କ ହାତ ଅଛି ତାହାକୁ ତୁରନ୍ତ ବାହାର କରିବା ସହିତ ଜଙ୍ଗଲ ଜମିକୁ ସୁରକ୍ଷା ଦେବା ପାଇଁ ଏକ ପ୍ରତିନିଧି ଦଳ ଆଗାମୀ ଦିନରେ ଭଦ୍ରକ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବାକୁ ସ୍ଥିର କରାଯାଇଛି । ଏଥିସହ ଧାମନଗର ତହସିଲଦାରଙ୍କ ସମେତ ମୁଖ୍ୟମନ୍ତ୍ରୀ, ଆରଡିସି, ରାଜସ୍ୱ ଓ ଜଙ୍ଗଲ ବିଭାଗର

## ସରକାରୀ କର୍ମଚାରୀଙ୍କ ପରକୀୟା ପ୍ରିତୀ : ରାସ୍ତାରେ ଗଡ଼ାଗଡ଼ି ହେଲେ ପ୍ରେମିକପ୍ରେମିକା

କେନ୍ଦ୍ରାପଡ଼ା,(ପି.ଏନ) : ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ଦୁଇ ସରକାରୀ କର୍ମଚାରୀଙ୍କ ପରକୀୟା ପ୍ରିତୀ ଦାଣ୍ଡରେ ପଡି ଗଡଗଡାଉଛି । ଆଉ ସବୁଠୁ ଆଶ୍ଚର୍ଯ୍ୟ କଥା ହେଉଛି ଉଭୟ କର୍ମଚାରୀ ବିବାହିତ । ଦୀର୍ଘ ଦୁଇବର୍ଷ ଧରି ଉଭୟଙ୍କ ମଧ୍ୟରେ ଏହି ଗୋପନ ପ୍ରେମପିରତି ଚାଲିଥିଲା । କିନ୍ତୁ କିଛିମାସ ହେବ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ଆରମ୍ଭ ହୋଇଯାଇଛି । ଫଳରେ ମହିଳା ବନ୍ଧୁ ଜଣକ ପୁରୁଷ ବନ୍ଧୁଙ୍କ ସହ ସଂପର୍କ କାଟିଦେବାକୁ ମନସ୍ତ କରିଥିଲେ । କିନ୍ତୁ ଏହାକୁ ସହଜରେ ଗ୍ରହଣ କରିପାରି ନଥିଲେ ପୁରୁଷ ବନ୍ଧୁ ଜଣଙ୍କ । ତେଣୁ ଉଭୟଙ୍କ ମଧ୍ୟରେ ବଚସା ହୋଇ ଫାଟ ସୃଷ୍ଟି ହୋଇଥିଲା । ଗୁରୁବାର କୌଣସି କାରଣକୁ ନେଇ ଉଭୟ ବନ୍ଧୁଙ୍କ ମଧ୍ୟରେ ବଚସା ହୋଇଥିଲା । ଯାହା ଫଳରେ କି ମହିଳା ବନ୍ଧୁଙ୍କୁ ପାନେ ଦେବାକୁ ଯୋଜନା କରିଥିଲେ ପୁରୁଷ ବନ୍ଧୁ ଜଣଙ୍କ । ପୁରୁଷ ବନ୍ଧୁ ଜଣକ ରାଜସ୍ୱ ନିରୀକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି । ମହିଳା ଜଣକ ତହସିଲରେ ରେକର୍ଡ କିପର ଭାବେ କାର୍ଯ୍ୟ କରୁଛନ୍ତି । ଗୁରୁବାର ସନ୍ଧ୍ୟାରେ ଅଫିସ କାର୍ଯ୍ୟ ସାରି ମହିଳା ଜଣକ ସ୍କୁଟିରେ ଘରକୁ ଫେରୁଥିଲେ । କିନ୍ତୁ ତହସିଲ କାର୍ଯ୍ୟାଳୟ ନିକଟରୁ ପୁରୁଷ ବନ୍ଧୁ ଜଣକ ତାଙ୍କୁ ଅନୁସରଣ କରିଥିଲେ । ଗୁଲନଗର ଦଣ୍ଡାମୁଣ୍ଡ ଛକ ନିକଟରେ ପୁରୁଷ ବନ୍ଧୁ ଜଣକ ମହିଳାଙ୍କ ସ୍କୁଟିକୁ ସାଇଡ ମାରିଥିଲେ । ଫଳରେ ମହିଳା ଜଣକ ତଳେ ପଡି ଯାଇଥିଲେ । ଏହାପରେ ଉଭୟ ରାସ୍ତାରେ ଗଡ଼ାଗଡ଼ି ହୋଇଥିଲେ । ସ୍ଥାନୀୟ ଲୋକମାନେ ଏଥିରେ ହସ୍ତକ୍ଷେପ କରି ପୁରୁଷ ବନ୍ଧୁଙ୍କୁ ବହେ ଛେଛିଲେ । ଖବର ପାଇ ତହସିଲଦାର ଘଟଣା ସ୍ଥଳରେ ପହ□ିଥିଲେ ।

### ଘୋଷଣା

ମୁଁ ଶ୍ରୀମତୀ ରୀତା ଦାସ, ବୟସ ୪୬ , ସ୍ୱାମୀ ଦିବାକର ଦାସ, ମାର୍ଥାପେଟା ଷ୍ଟ୍ରିଟ୍ ସାନବଜାର ନିକଟ, ପୋଷ୍ଟ- ବ୍ରହ୍ମପୁର, ଥାନା- ବଡ଼ଜାର, ବ୍ରହ୍ମପୁର, ଜିଲ୍ଲା- ଗଞ୍ଜାମ, ପିନ୍-୭୬୦୦୦୧ ଘୋଷଣା କରିବା ଉଦ୍ଦେଶ୍ୟ ଏହିକି ଯେ ତା ୦୩.୦୪.୨୦୨୪ରିଖ ଦିନ ବଜାରକୁ ଯାଉଥିବା ସମୟରେ ଦୁର୍ଭାଗ୍ୟବଶତଃ (ମୂଳ ଉଇଲ୍ ଡିଡି ନଂ ୨୬୨/୨୦୦୯ ତହସିଲ ବ୍ରହ୍ମପୁର, ଗ୍ରାମ/ମୌଜା- ବଡ଼ବଜାର, ବ୍ରହ୍ମପୁର ନିବନ୍ଧକ କାର୍ଯ୍ୟାଳୟ, ଜିଲ୍ଲା-ଗଞ୍ଜାମ) ହଜିଯାଇଅଛି । ମୁଁ ସ୍ଥାନୀୟ ବଡ଼ବଜାର ଥାନାରେ ଲିଖିତ ଅଭିଯୋଗ କଲି ଏବଂ ଏହାର ଷ୍ଟେସନ ଡାଏରୀ / ଜେନେରାଲ ଡାଏରୀ ନଂ ୦୧୨ ତା ୨୮.୦୪.୨୦୨୪ରିଖ ଅଟେ । ମୁଁ ଆହୁରି ଘୋଷଣ କରୁଅଛି ଯେ, ଉକ୍ତ ଉଇଲି ଡିଡି ମାଧ୍ୟମରେ କୌଣସି ବ୍ୟାଙ୍କ ବା ଆର୍ଥିକ ଅନୁଷ୍ଠାନରେ ବନ୍ଧକ ରଖି କୌଣସି ପ୍ରକାର ରଣ ଆଣି ନାହିଁ ଏବଂ ଉକ୍ତ ସମ୍ପ□ି କୌଣସି ପ୍ରକାରରେ ହସ୍ତାନ୍ତର କରିନାହିଁ । ସମ୍ପ□ିର ବିବରଣୀ ମୂଳ ଉଇଲି ନଂ ୨୬୨/୨୦୦୯, ଖାତା ନଂ ୧୧୫୪,ପ୍ଲଟ ନଂ ୧୭୨୨, କିସମ ଘରବାଡି, ଏ ୦.୦୦୬ ଡିସିମିଲ, ୱାର୍ଡ଼ ନଂ-୭, ବ୍ରହ୍ମପୁର ମହାନଗର ନିଗମ, କୁମ୍ଭାର ଷ୍ଟ୍ରିଟ୍, ବଡ଼ବଜାର ମୌଜା, ତହସିଲ ବ୍ରହ୍ମପୁର, ସବ୍‌ରେଜିଷ୍ଟର ଅଫିସ ବ୍ରହ୍ମପୁର, ଜିଲ୍ଲା- ଗଞ୍ଜାମ ।

୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

Bhubaneswar Friday September 27 2024 ଭୁବନେଶ୍ବର ଶୁକ୍ରବାର, ସେପ୍ଟେମ୍ବର ୨୭,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ଅସହାୟ ବୃଦ୍ଧାଙ୍କୁ ବ୍ୟାସ ଫାଉଣ୍ଡେସନର ସହାୟତା : ୯୦ ବର୍ଷ ବୃଦ୍ଧାଙ୍କୁ ଥଇଥାନ

ପାରାଦୀପ/ଜଗତସିଂହପୁର,(ପି.ଏନ):ବରିଷ୍ଠ ନାଗରିକଙ୍କ ସ୍ୱାର୍ଥ ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ଯେତେ ଆଇନ୍ ପ୍ରଣୟନ କରାଗଲେ ମଧ ଦିନକୁ ଦିନ ବରିଷ୍ଠ ନାଗରିକ ମାନଙ୍କ ପ୍ରତି ପୁଅ ବୋହୂଙ୍କର ନିର୍ଯାତନା ବଢ଼ିବାରେ ଲାଗିଛି। ତେବେ ବରିଷ୍ଠ ନାଗରିକ ଙ୍କ ସ୍ୱାର୍ଥ ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ସେମାନଙ୍କୁ ସର୍ବଦା ସହଯୋଗ କରିଆସୁଛି ଅଗ୍ରଣୀ ସାମାଜିକ ଓ ଧାର୍ମିକ ଅନୁଷ୍ଠାନ ବ୍ୟାସ ଫାଉଣ୍ଡେସନ କ୍ଷ ତେବେ ଏକ ହୃଦୟ ବିଦାରକ ଘଟଣା ଦେଖିବାକୁ ମିଳିଛି ଜଗତସିଂହପୁର ଜିଲ୍ଲାର ମୁକୁନ୍ଦପୁର ପଣ୍ଡାସାହି ଅଞ୍ଚଳରେ। ସାମାନ୍ୟ ୩ ଗୁଣ୍ଠ ଜମିକୁ କେନ୍ଦ୍ର କରି



୯୦ ବର୍ଷର ମାଆକୁ ଯିବାକୁ ପଡ଼ିଛି ଜରାଶ୍ରମ। ଏଠାରେ ସୂଚନା ଥାଉକି ମୁକୁନ୍ଦପୁର ଅଞ୍ଚଳର ବିଦୁ୍ଲତା ଦାସ ବୟସ ୯୦ ବର୍ଷ ସ୍ୱାମୀ ଆରପୁରକୁ ଚାଲିଯିବା ପରେ ୩ ପୁଅ ବୋହୂଙ୍କୁ ନେଇ ପରିବାର ସହିତ ରହି ଆସୁଥିଲେ। ଆଜିକୁ ୨ ମାସ ହେଲାଣି ୩ ଗୁଣ୍ଠ ଜମିକୁ ପୁଅ ମାନଙ୍କ ନାମରେ କରିବା ପାଇଁ ପୁଅମାନେ ଚାପ ପକାଇ ଆସୁଥିଲେ। କିନ୍ତୁ ବିଦୁ୍ଲତା ରାଜି ନହେବାରୁ ତାଙ୍କୁ ଖାଇବାକୁ ମୁଠାଏ ନଦେଇ ଘରୁ ବାହାର କରି ଦେଇଥିଲେ। ବୃଦ୍ଧା ଜଣକ ପଡୋଶୀ ଘରେ ଆଶ୍ରୟ ନେଉଥିଲେ। ଯେତେ ?ଲେ ପୁଅ ବୋହୂ ମାଆକୁ ପର କରିଦେଲେ ସେଠି ପଡୋଶୀ ବା କେତେଦିନ ରଖିବେ। ବୃଦ୍ଧାଙ୍କର ଏପରି ଦୂରାବସ୍ଥା ଦେଖି ସେ ଅଞ୍ଚଳର କିଛି ବଦାନ୍ୟ ବ୍ୟକ୍ତି ସେବା ଓ ଆଧାତ୍ମିକ ଧର୍ମୀ ପ୍ରଚାର ପ୍ରସାର ସଙ୍ଗଠନର ଅଧକ୍ଷା ସ୍ନେହମୟୀ ଆଚାର୍ଯ୍ୟ ଯିଏକି ନିକଟରେ ଉପଜିଲ୍ଲାପାଳଙ୍କ ମାଧ୍ୟମରେ ଅନେକ ଅବହେଳିତ ବାପା ମାଆ ଙ୍କ ପାଇଁ ସଂଘର୍ଷ କରି ନ୍ୟାୟ ପ୍ରଦାନ କରିବାରେ ସହାୟକ ଭୂମିକା ଗ୍ରହଣ କରିଆସୁଛନ୍ତି,ତାଙ୍କ ସହ ଯୋଗାଯୋଗ କରିଥିଲେ। ଶ୍ରୀମତୀ ଆଚାର୍ଯ୍ୟ ବୃଦ୍ଧାଙ୍କୁ ମୋ ଘର ଜରାଶ୍ରମର ଅଧକ୍ଷ ଅରବିନ୍ଦ ପାତ୍ରଙ୍କ ସହ ଯୋଗାଯୋଗ କରି ଆଶ୍ରମର ତତ୍ତ୍ୱାବଧାରକ ପ୍ରଦୀପ କୁମାର୍ ଜେନାଙ୍କ ଉପସ୍ଥିତିରେ ବୃଦ୍ଧାଙ୍କୁ ଜରାଶ୍ରମରେ ଥାଇଥାନ କରିଛନ୍ତି। ତାଙ୍କର ଅନ୍ତିମ ଜୀବନ ଜରାଶ୍ରମର ଅନ୍ତେବାସୀଙ୍କ ସହ ହସ ଖୁସିରେ କଟୁ ବୋଲି ଶ୍ରୀମତୀ ଆଚାର୍ଯ୍ୟ ଭଗବାନଙ୍କ ପାଖରେ ପ୍ରାର୍ଥନା କରିଛନ୍ତି। ବ୍ୟାସ ଫାଉଣ୍ଡେସନର ଏପରି ଜନ କଲ୍ୟାଣକାରୀ ପଦକ୍ଷେପକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି।

## ବମକୁରା ହାଇସ୍କୁଲରେ ଧାମନଗର ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦଘାଟନ

ଧାମନଗର,(ପି.ଏନ): ଧାମନଗର ବ୍ଲକ ଅନ୍ତର୍ଗତ ବମକୁରା ନୋଡାଲ ହାଇସ୍କୁଲ ପରିସରରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଧାମନଗର ବ୍ଲକ ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲେ। ବ୍ଲକ୍ କ୍ରୀଡ଼ା ସମ୍ପାଦକ ମାନସ ରଞ୍ଜନ ନାୟକଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଅନ୍ୟ ମାନଙ୍କ ମଧରେ ମୂରଲୀଧର ହାଇସ୍କୁଲର ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ହୋତା,ଜୟ କିଷନ ହାଇସ୍କୁଲର ପ୍ରଧାନ ଶିକ୍ଷକ ବିଜୟ କୁମାର ମିଶ୍ର,ଅବସରପ୍ରାପ୍ତ ଶିକ୍ଷକ ହରି ହର ସାମଲ, ବମକୁରା ହାଇସ୍କୁଲର ପ୍ରଧାନ ଶିକ୍ଷକ ସତ୍ୟପ୍ରିୟ ପାଣିଗ୍ରାହୀ,ସହକାରୀ ଶିକ୍ଷୟିତ୍ରୀ ମଞ୍ଜୁଶ୍ରୀ କରସର୍ମା,ଶିକ୍ଷକ ଦିଲ୍ଲୀପ କୁମାର ରାଉତ ପ୍ରମୁଖ ଅତିଥି ଭାବରେ ବକ୍ତବ୍ୟ ପ୍ରଦାନ କରିଥିଲେ।ପ୍ରାରମ୍ଭରେ ଶିକ୍ଷକ ମଧୁସୂଦନ ମାଝୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମ ଶେଷରେ ସୁଭଲକ୍ଷ୍ମି ସାହୁ ସମସ୍ତଙ୍କୁ




ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି କ୍ରୀଡ଼ା ଶିକ୍ଷକ ଅଶୋକ କୁମାର ପଣ୍ଡା ଖେଳକୁ ପରିଚାଳନା କରିଥିବା ବେଳେ ଦୁଇ ଦିନ ଧରି ଏହି କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରୁ ଯୋଗ୍ୟ ବିବେଚିତ କ୍ରୀଡାବିତ୍ ମାନେ ଜିଲ୍ଲା ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ ବୋଲି ଖେଳ ଶିକ୍ଷକ ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି।

## ମା' ମାଣିକେଶ୍ୱରୀଙ୍କ ପାଖରେ ଲାଗି ହେଲା ନବାନ୍

ଭୁବନେଶ୍ୱର,(ପି.ଏନ): ଆଜି କଳାହାଣ୍ଡି ଅଧିଷ୍ଠାତ୍ରୀ ଦେବୀ ମା' ମାଣିକେଶ୍ୱରୀଙ୍କ ପାଖରେ ନବାନ୍ନ ଲାଗି ହୋଇଛି। ପ୍ରତିବର୍ଷ ଭାଦ୍ରବ ମାସ ଶୁକ୍ଲ ପକ୍ଷ ଦଶମୀ ତିଥିରେ ମା' ମାଣିକେଶ୍ୱରୀଙ୍କ ପାଖରେ ନବାନ୍ନ ଲାଗି ହୋଇଥାଏ। ସର୍ବସାଧାରଣଙ୍କ ନିମନ୍ତେ ସକାଳ ୧୦ଟା ୩୦ରୁ ଅପରାହ୍ନ ୧୨ଟା ୩୬ ମଧ୍ୟରେ ନବାନ୍ନ ସେବନ କରିବାର ଲଗ୍ନ ଧାର୍ଯ୍ୟ ହୋଇଛି। ସମସ୍ତ ଅଞ୍ଚଳବାସୀ ନିଜ ନିଜ ଇଷ୍ଟଦେବୀଙ୍କ ପାଖରେ ଭୋଗ ଲଗାଇ ନୂଆଁ ଖାଇବେ।କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ସହର, ମଦନପୁର ରାମପୁର, ଲାଞ୍ଜିଗଡ଼, ଥୁଆମୂଳ ରାମପୁର, ଜୟପାଟଣା ସମେତ ଗଡ଼ଜାତ ଅଞ୍ଚଳରେ ଆଜି ନୂଆଁଖାଇ ଅନୁଷ୍ଠିତ ହେଉଛି। ଏହି ପର୍ବ କୃଷି ସହ ଜଡିତ



ଥିବାରୁ ଚାଷୀମାନେ ମଧ ବେଶ ଉତ୍ସାହିତ। ସୂଚନାଯୋଗ୍ୟ, କଳାହାଣ୍ଡି ଜିଲାରେ ପାଞ୍ଚଟି ପର୍ଯ୍ୟାୟରେ ନୂଆଁଖାଇ ପାଳନ ହେଉଥିବା ବେଳେ ଧର୍ମଗଡ ଉପଖଣ୍ଡ ଆଞ୍ଚଳ ସମେତ ଜିଲ୍ଲାର ପ୍ରାୟ ସ୍ଥାନରେ ପଞ୍ଚମୀ ତିଥିରେ ପର୍ବ ପାଳନ ହେଇସାରିଛି।

## ଅଶାନ୍ତ ସମୁଦ୍ର ମୁହାଁଣ ରୁ ଅଚଳ ୨ ମାଛଧରା ବୋଟ କୁ ଉଦ୍ଧାର କଲା ପାରାଦୀପ ବନ୍ଦର ଟଗ ବୋଟ

ପାରାଦୀପ ,(ପି.ଏନ): ଲଘୁଚାପ ଜନିତ ଅଶାନ୍ତ ସମୁଦ୍ର ରେ ଆଜି ଏକ ବଡଧରଣର ଅଘଟଣ ଟଳି ଯାଇଛି। ଏକ ସମ୍ବେଦନଶୀଳ ପରିସ୍ଥିତି ରେ ଧର୍ମସାଖୀ କମ୍ପାନୀ ର ୨ଟି ବୋଟ୍ କୁ ସୁରକ୍ଷିତ ଭାବେ ଉଦ୍ଧାର କରି ଆଣିଛି ପାରାଦୀପ ବନ୍ଦର ପ୍ରାଧିକରଣ ର ଟଗ୍ ବୋଟ୍। ତେବେ ଘଟଣା ରୁ ଜଣା ପଡିଛି ଯେ ଧର୍ମସାଖୀ ନାମକ ଏକ ବୋଟ୍ ପାରାଦୀପ ମାଛଧରା ବନ୍ଦର କୁ ମୁହାଁଣ ବାଟ ଦେଇ ଆସୁଥିବା ବେଳେ ହଠାତ୍ ତାର ଯାନ୍ତ୍ରିକ ତ୍ରୁଟି ଦେଖା ଦେଇଥିଲା। ତେବେ ସଙ୍ଗେ ସଙ୍ଗେ ଖବର ପାଇ ତାର ମାଲିକ ତାଙ୍କର ଆଉ ଗୋଟିଏ ବୋଟ୍ ପଠାଇଥିଲେ ତାକୁ ଟାଣି ଆଣିବା ପାଇଁ କିନ୍ତୁ ଦୁର୍ଭାଗ୍ୟ ବଶତଃ ବୋଟ୍ କୁ ରସି ଲଗାଇ ଟାଣି ଟାଣି ଆଣିବା ବେଳେ ଅଶାନ୍ତ ସମୁଦ୍ର ରେ ପ୍ରବଳ କରେଣ୍ଟ ଥ?ିବାରୁ ବୋଟ୍ ଟି ଟଣାଯାଇ ନପାରି ତାର ରସି ଛିଡି ଯାଇଥିଲା।ଫଳରେ ଦୁଇଟି ଯାକ ବୋଟ୍ ସମୁଦ୍ର ମୁହାଁଣ ମୁହଁ ରେ ଭାସିଭାସି ଦୀଗହରା ହେବାକୁ ଯାଉଥିଲେ।

## ମାହାଙ୍ଗା ବ୍ଲକରେ ଅବ୍ୟବସ୍ଥାରେ ଶେଷ ହେଲା ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ

ମାହାଙ୍ଗା (ପି.ଏନ): ଆଜି ମାହାଙ୍ଗା ବ୍ଲକର ପଲ୍ଲୀସାହି ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ ମାଧ୍ୟମରେ ଅନୁଷ୍ଠିତ ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଉତ୍ସବ ବ୍ୟାପକ ଅବ୍ୟବସ୍ଥା ମଧ୍ୟରେ ଶେଷ ହୋଇଛି। ବ୍ଲକର ବିଭିନ୍ନ ବିଦ୍ୟାଳୟର ଛୋଟ ଛୋଟ ପିଲାମାନଙ୍କୁ ଦିନ ୧୦ଟା ବେଳେ ଡକାଯାଇଥିଲା ବେଳେ ଦିନ ୧୨ଟା ବେଳେ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପିଲାମାନଙ୍କୁ ପ୍ରଥମେ ୫ଟଙ୍କିଆ ବିସ୍କୁଟ ଓ ୧୦ଟଙ୍କିଆ ପାଣିବୋତଲ ଦିଆଯାଇଥିଲା। ପରୀକ୍ଷା ସମୟରେ ପିଲାମାନଙ୍କୁ ପାଣି ପିଇବାକୁ ଦିଆଯାଇ ନଥିବା ଅଭିଯୋଗ ଶୁଣିବାକୁ ମିଳୁଛି। ଅପରପକ୍ଷରେ ପରୀକ୍ଷା ହଲରେ ଅସହ୍ୟ ଗୁଳୁଗୁଳି ହେଉଥିଲା ବେଳେ ପିଲାମାନେ ଛଟପଟ ହେଉଥିଲେ। ସେହିଭଳି ପିଲାମାନେ ଅ-ସ୍ୱାସ୍ଥ୍ୟକର ପରିବେଶରେ ବସିଖାଉଥିବାବେଳେ କେତେକ ଛୋଟ ଛୋଟ ପିଲା ଛିଡାହୋଇ ଖାଉଥିବାର ଦେଖିବାକୁ ମିଳିଥିଲା। ୧ଲକ୍ଷଟଙ୍କା ଉକ୍ତ କାର୍ଯ୍ୟକ୍ରମ ପାଇଁ ଆସିଥିବା ଚର୍ଚ୍ଚା ହେଉଥିବା ବେଳେ କେତେ ଖର୍ଚ୍ଚ ହୋଇଛି,କେତେ ବଳିଛି ତାର ହିସାବକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷେ ଓଡ଼ିଶା ସ୍କୁଲ ଏଜୁକେସନ୍ ପ୍ରୋଗ୍ରାମି ଅଥୋରେଟି,ଭୁବନେଶ୍ୱର ଚିଠି ନଂ୬୫୪୮ ତା ୧୯.୦୭.୨୦୨୪ରିଖରେ ପ୍ରଦାନ ଚିଠି ଅନୁଯାୟୀ ପ୍ରାଥମିକ ସ୍ତରର ଛାତ୍ରଛାତ୍ରୀମାନଙ୍କ ପାଇଁ ପ୍ରଶ୍ନପତ୍ର ପାଇଁ ୩ହଜାର ଟଙ୍କା, ପ୍ରଶ୍ନପତ୍ର ଛାପିବା ୟୁନିଟ୍ କଷ୍ଟ ୧୭୦ ପାଇଁ ୧୫ଟଙ୍କା ହିସାବରେ ୨୫୫୦ଟଙ୍କା ,ସାର୍ଟିଫିକେଟ୍ ପ୍ରସ୍ତୁତି ପାଇଁ ୨୫୦୦ଟଙ୍କା,ପୁରସ୍କାର ପ୍ରଦାନ ପାଇଁ ୩ହଜାର ଟଙ୍କା,୧୫୦ଜଣଙ୍କୁ ପାଠ୍ୟଉପକରଣ ପାଇଁ ୧୦୫୦୦ଟଙ୍କା, ଫଟୋ ଭିଡିଓ ପାଇଁ ୨ହଜାରଟଙ୍କା, ୨୦୦ଜଣଙ୍କୁ ୨୦ଟଙ୍କା ହିସାବରେ ୪୦୦୦ଟଙ୍କା,ମଧ୍ୟାହ୍ନଭୋଜନ ୮୦ଟଙ୍କା ହିସାବରେ ୨୦୦ଜଣଙ୍କ ପାଇଁ ୧୬୦୦୦ଟଙ୍କା,୫ଜଣଙ୍କୁ ୩୦୦ଟଙ୍କା ହିସାବରେ ଆସେସ୍‌ମେ□ ଖର୍ଚ୍ଚ ପାଇଁ ୧୫୦୦ଟଙ୍କା ମୋଟ ୫୦ହଜାର ଟଙ୍କା। ମାଧ୍ୟମିକ ସ୍ତରରେ ପ୍ରଶ୍ନପତ୍ର ପାଇଁ ୩୫୦୦ଟଙ୍କା, ୧୦୦ପ୍ରଶ୍ନପତ୍ର ଛାପିବା ପାଇଁ ୩୫୦୦ଟଙ୍କା,୮୦ଜଣ ଛାତ୍ରଛାତ୍ରୀଙ୍କ ସାର୍ଟିଫିକେଟ୍ ପ୍ରସ୍ତୁତି ପାଇଁ ୨୦୦୦ଟଙ୍କା,୩ଜଣଙ୍କୁ ପୁରସ୍କାର ପ୍ରଦାନ ପାଇଁ ୩୦୦୦ଟଙ୍କା, ୮୦ଜଣଙ୍କୁ ପାଠ୍ୟ ଉପକରଣ ପ୍ରଦାନ ପାଇଁ ୧୨୦୦୦ଟଙ୍କା,ଭିଡିଓ ଫଟୋଗ୍ରାଫି ପାଇଁ ୩୦୦୦ଟଙ୍କା, ୧୫୦ଜଣଙ୍କୁ ୨୦ଟଙ୍କା ହିସାବରେ ଜଳଖିଆ ପ୍ରଦାନ ପାଇଁ ୩୦୦୦ଟଙ୍କା, ୧୫୦ଜଣଙ୍କୁ ମଧ୍ୟାହ୍ନଭଜୋନ ପ୍ରଦାନ ପାଇଁ ୧୨୦୦୦ଟଙ୍କା, ୫ଜଣଙ୍କୁ ଆସେସ୍‌ମେ□ ପାଇଁ ୧୫୦୦ଟଙ୍କା ମୋଟ ୫୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା ବେଳେ ମାହାଙ୍ଗା ମଣ୍ଡଳ ଶିକ୍ଷାଧିକାରୀ କିଭଳି ଭାବରେ ଏହି ଅର୍ଥ ଖର୍ଚ୍ଚ କରିଛନ୍ତି,ତାହାନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମାହାଙ୍ଗା ମଣ୍ଡଳ ଅର୍ନ୍ତଗତ ସମସ୍ତ ସରକାରୀ ବିଦ୍ୟାଳୟରୁ ସର୍ବକନିଷ୍ଠ ବର୍ଗରୁ ୯୯ଜଣ,କନିଷ୍ଠ ବର୍ଗରୁ ୮୦ଜଣ ଓ ବରିଷ୍ଠ ବର୍ଗରୁ ୮୪ଜଣ ମୋଟ ୨୬୩ଜଣ ଛାତ୍ରଛାତ୍ରୀ କୁଇଜ୍ ପ୍ରତିଯୋଗିତାରେ ଭାଗନେଇଥିଲେ।

## ଅସ୍ତରଙ୍ଗ ପ୍ରସ୍ତାବିତ ବନ୍ଦରର ଜନ ଶୁଣାଣି ଶେଷ

ଅସ୍ତରଙ୍ଗ ,(ପି.ଏନ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ପ୍ରତିଷ୍ଠା ହେବାକୁ ଥିବା ରାଜ୍ୟ ସରକାରଙ୍କର ବାଣିଜ୍ୟ ଓ ପରିବହନ ବିଭାଗ ଦ୍ୱାରା ପ୍ରସ୍ତାବିତ ବନ୍ଦରର ପରିବେଶ ମଞ୍ଜୁରୀ ସମ୍ବନ୍ଧୀୟ ଜନ ଶୁଣାଣି ନବଯୁଗ ଇଂଗିନୀରିଂ କମ୍ପାନୀ ସହଭାଗିତାରେ ଶୁକ୍ରବାର ଦିନ ଅନୁଷ୍ଠିତ ଅସ୍ତରଙ୍ଗ ବ୍ଲକ ପଡ଼ିଆରେ ଅନୁଷ୍ଠିତ ହୋଇ ଯାଇଅଛି। ଆୟୋଜିତ ଜନ ଶୁଣାଣିରେ ଅସ୍ତରଙ୍ଗ ଅଞ୍ଚଳର ବିଭିନ୍ନ ପଞ୍ଚାୟତ ରୁ ଆସିଥିବା ଲୋକ ମାନେ ବନ୍ଦର ସପକ୍ଷ ରେ ମତ ଦେଇଥିବା ବେଳେ ବନ୍ଦର ହେଲେ ଅସ୍ତରଙ୍ଗ ଉପକୂଳ କିପରି କ୍ଷତିଗ୍ରସ୍ଥ ହେବ ସେ ବିଷୟ ରେ ପରିବେଶବିତ୍ ତଥା ମିଳିତ ଜାତିସଙ୍ଘର ଯୁବ ଅଧିବକ୍ତା ଶ୍ରୀ ସୌମ୍ୟରଂଜନ ବିଶ୍ୱାଳ ସମାବେଶରେ ମତ ବ୍ୟକ୍ତ କରିଥିଲେ। ହେବାକୁ ଥିବା ବନ୍ଦର ଦ୍ୱାରା ଅଲିଭ୍ ରିଡେଲ କଇଁଚ ଙ୍କ ଅଣ୍ଡାଦାନ ବାଧାପ୍ରାପ୍ତ ,ପ୍ରାକୃତିକ ବିପର୍ଯ୍ୟୟ ର ସମ୍ମୁଖିନ ଓ ପରିବେଶ ଆଦି ଉପରେ ଲୋକଙ୍କ ସମସ୍ୟାର ସମାଧାନ ଉପରେ ଶ୍ରୀ ବିଶ୍ୱାଳ ତାଙ୍କର ମତବ୍ୟକ୍ତ କରିଥିଲେ। ଏହି ଜନ ଶୁଣାଣିରେ ଅସ୍ତରଙ୍ଗ ଅଞ୍ଚଳର ବହୁ ବ୍ୟକ୍ତି ଯୋଗ ଦାନ କରିଥିବା ବେଳେ,ବିସ୍ଥାପିତ ହେବାକୁ ଥିବା ଛୁରିଆନା ଗ୍ରାମପଞ୍ଚାୟତ ର ଜଣେ ଯୁବକ ଙ୍କୁ ଛାଡ଼ିଦେଲେ ଅନ୍ୟ କେହି ବ୍ୟକ୍ତି ଦେଖିବାକୁ ମିଳି ନ ଥିଲା। ଏହି ଜନଶୁଣାଣୀ ସମାବେଶରେ ରାଜ୍ୟ ପ୍ରଦୂଷଣ ବୋର୍ଡ ର ଆଞ୍ଚଳିକ ଅଧିକାରୀ ଶୋହନ ଗିରି,ଉପ ନିର୍ଦ୍ଦେଶକ ସୌମେନ୍ଦ୍ର ନାଥ ମହାନ୍ତି,ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୋମ୍ୟରଞ୍ଜନ ମଲିକ,ପ୍ରମୁଖ ଯୋଗ ଦେଇଥିବା ବେଳେ,ଜିଲ୍ଲା ପ୍ରଶାସନ ତରଫରୁ ଏ ଡି ଏମ,କୈଳାଶ ଚନ୍ଦ୍ର ନାୟକ,ଜମି ଅଧିଗ୍ରଣ ଅଧିକାରୀ କୈବଲ୍ୟ କର,ଓ ନିରଞ୍ଜନ ବାରିକ,ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି,ରେଞ୍ଜର ମୋନାଲିସା ମହାପାତ୍ର,ଅତିରିକ୍ତ ଏସ ପି,ବିଷ୍ଣୁ ପ୍ରସାଦ ପତି,ନିମାପଡ଼ା ଏସ୍ ଡି ପି ଓ,ପ୍ରଭାତ କୁମାର ମଲ୍ଲିକ,ପ୍ରମୁଖ ଯୋଗଦାନ କରି,ପ୍ରସ୍ତାବିତ ବନ୍ଦର ଜନ ଶୁଣାଣି ରେ ଭାଗ ନେଇ ସେମାନଙ୍କର ମତବ୍ୟକ୍ତ କରିଥିବା ବେଳେ,ଅତିରିକ୍ତ ଜିଲ୍ଲାପାଳ ରେଭିନୁ,ଶ୍ରୀ ନାୟକ କହିଥିଲେ ଯେ, ବନ୍ଦର ଯେଉଁ ଜାଗାରେ ହେବ,ସେଠୀ ଜନ ଶୁଣାଣି ସହ ଗ୍ରାମ ସଭା ଆଦି କରା ଯିବ ଓ ଏହା ଏକ ଲମ୍ବା ପ୍ରୟାସ ହୋଇଥିବାରୁ ଲୋକଙ୍କ ମତାମତ ନିଆଜାଇ କାର୍ଯ୍ୟକ୍ରମ ହାତକୁ ନିଆ ଯିବ। ବିସ୍ଥାପିତ ଅଞ୍ଚଳ ଠାରୁ୧୨ କିଲୋମିଟର ଦୂରରେ ଏହି ଜନ ଶୁଣାଣି ହେଉ ଥିବାରୁ ,ଆଗାମୀ ଦିନରେ ବିସ୍ଥାପିତ ଅଞ୍ଚଳ ରେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ଙ୍କର ର ନିର୍ଦ୍ଦେଶ ମୂତବକ ସେହି ଅଞ୍ଚଳରେ ଜନ ଶୁଣାଣି କରାଯିବ ବୋଲି ଶ୍ରୀ ନାୟକ ପ୍ରକାଶ କରିଥିଲେ। ଅପର ପକ୍ଷରେ,ବିସ୍ଥାପିତ ବିରୋଧୀ ମଞ୍ଚ ତଥା ଭିଟାମାଟି ସୁରକ୍ଷା ସଂଗଠନ ତରଫରୁ ପିର ଜାହାନିଆଁ ଠାରେ ଏକ ବିରାଟ ଜନ ସମାବେଶ ଅନୁଷ୍ଠିତ ହୋଇ ଯାଇ ଅଛି। ଏହି ବନ୍ଦର ବିରୋଧୀ ସମାବେଶରେ ଅସ୍ତରଙ୍ଗ ଅଞ୍ଚକର ୧୨ ଖଣ୍ଡ ଗ୍ରାମର ଅଧିବାସୀ ମାନେ ଏକତ୍ର ହୋଇ ବନ୍ଦର ବିରୁଦ୍ଧରେ ମତବ୍ୟକ୍ତ କରିଥିଲେ ଓ ଭିଟା ମାଟିର ସୁରକ୍ଷା ପାଇଁ ରକ୍ତ ଦେବା ସହ ସଂଗ୍ରାମ ଜାରି ରହିବ ବୋଲି ବିଶାଳ ଜନ ସମାବେଶ ରେ ହଜାର ହଜାର ଲୋକଙ୍କୁ ସେମାନଙ୍କର ଭବାବେଗ ପରିପ୍ରକାଶ କରିଥିଲେ। ଏହି ସମାବେଶ ରେ,ପୁରୀ ଜିଲ୍ଲା ପରିଷଦ ର ଉପାଧ୍ୟକ୍ଷ ଶ୍ରୀ ସ୍ୱାଧନ କୁମାର ନାୟକ, ଆବାହକ ଶିଭାକର ବେହେରା,ସୁରକ୍ଷା ମଞ୍ଚ ସଭାପତି ପ୍ରଫୁଲ୍ଲ ବିଶ୍ୱାଳ,ଅସ୍ତରଙ୍ଗ ପଞ୍ଚାୟତ ସମିତି ଅଧକ୍ଷ ଆରତୀ ନାୟକ,ଅସ୍ତରଙ୍ଗ ସରପଞ୍ଚ ରାମ ଚନ୍ଦ୍ର କାଣ୍ଡୀ, ଚ୍ଛୁରିଆନା ସରପଞ୍ଚ କ୍ଷୀରୋଦ କାଣ୍ଡୀ, ସେମିତି ସଭ୍ୟ ବିମ୍ୟାଧର ବିଶ୍ୱାଳ ସମାଜସେବୀ ଦିବାକର ଛାଟୋଇ, ଆଦି ଭାଶଣ ଦେଇ ବନ୍ଦର ନିର୍ମାଣ କୁ ବିରୋଧ କରୁଥିବା ବେଳେ,ସମ୍ଭାବ ବିସ୍ଥାପିତ ଙ୍କ ଦାବି ଓ ତାଙ୍କର ସମସ୍ୟା ସମାଧାନ ଦିଗରେ ଆଲୋକ ପାତ କରିଥିଲେ।






Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray